■ RNI No.ODIODI/2010/33031
■ ୧୭ ବର୍ଷ Volume-17
■ ISSUE -100 ସଂଖ୍ୟା-୧୦୦
■ ଭୁବନେଶ୍ୱର,ଶନିବାର ୨୭ ଜୁନ୍ ୨୦୨୬
■ Bhubaneswar, Saturday 27 June, 2026
■ ୦୮ ପୃଷ୍ଠା Pages-08
■ ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
■ www.odishamanthan.com

MANTHAN
ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୪ ନିଲମ୍ବିତ

**ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ**

**୬ଜଣଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ**



ଭୁବନେଶ୍ୱର,୨୬।୬(ନି.ପ୍ର.): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ଦୁଇହଜାରରୁ ଅଧିକ ତ୍ରୁଟି ମାମଲାରେ ରାଜ୍ୟ ସରକାର ଆଜି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ଅନ୍ୟ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବନ କରାଯାଇଛି। ଏହାସହିତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି।

ଉନ୍ନୟନ କମିଶନର ଦେଓରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି ଏକ ଇଂରାଜୀ ସମ୍ବାଦପତ୍ରକୁ ସାକ୍ଷାତକାର ଦେଇ ଏହି ପାଠ୍ୟପୁସ୍ତକ ତ୍ରୁଟି ପଛରେ ସରକାରୀଙ୍କୁ ବଦନାମ କରିବା ପାଇଁ ଷଡଯନ୍ତ୍ର ହୋଇଛି ବୋଲି ଆଶଙ୍କା ବ୍ୟକ୍ତ କରିବା ସହ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେରାଇ ଅଣାଯିବ ବୋଲି କହିଥିଲେ।

ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ଓ ଅନ୍ୟ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ତତ୍କାଳ ପ୍ରଭାବରୁ ଚାକିରିରୁ ନିଲମ୍ବିତ କରିଛନ୍ତି।

ଏମାନଙ୍କ ବ୍ୟତୀତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଓ ଡକ୍ଟର ସୁଦର୍ଶନ ସନ୍ତରାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ସମସ୍ତ ୧୪ଟି ଗୁରୁତ୍ୱପୂର୍ଣ୍ଣ ସୁପାରିଶକୁ ରାଜ୍ୟ ସରକାର ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

କମିଟିର ସୁପାରିଶ ଅନୁସାରେ, ଏସ୍‌ସିଇଆରଟି ପକ୍ଷରୁ ଆସନ୍ତା ୭ଦିନ ମଧ୍ୟରେ ଏକ 'ମାଷ୍ଟର ତ୍ରୁଟି ରେଜିଷ୍ଟର' ପ୍ରସ୍ତୁତ କରାଯାଇ ସାର୍ବଜନୀନ କରାଯିବା ସହ ଏକ ସ୍ୱତନ୍ତ୍ର ପବ୍ଲିକ ଏରାଟା ପୋର୍ଟାଲ୍ ମଧ୍ୟ ତିଆରି ହେବ। ପୁସ୍ତକରେ ଥିବା ଗୁରୁତର ତ୍ରୁଟିଗୁଡିକର ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଣ୍ଟ ପେଜ୍ ଓ ପ୍ରିଣ୍ଟେଡ୍ କରେକ୍ସନ ସିଟ୍ ଯୋଗାଇ ଦିଆଯିବ। ଏହି ସଂଶୋଧିତ ବିବରଣୀକୁ ହିଁ ଅଫିସିଆଲ୍ ଶିକ୍ଷାଦାନ ସଂସ୍କରଣ ଭାବେ ଘୋଷଣା କରାଯିବା ଏବଂ ଶିକ୍ଷକମାନଙ୍କୁ ଏଥିପାଇଁ ଓରିଏଣ୍ଟେସନ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ବ୍ୟତୀତ ବର୍ତ୍ତମାନଠାରୁ ଏସସିଇଆରଟି ପରିସରରେ ଏକ ସ୍ୱତନ୍ତ୍ର ପାଠ୍ୟପୁସ୍ତକ 'କ୍ୱାଲିଟି ଆସ୍ୟୁରାନ୍ସ ସେଲ୍' ଗଠନ କରାଯିବା ସହ ଏନସିଇଆରଟି ଂଚାରେ ପ୍ରତି ବିଷୟ ପାଇଁ କରିକୁଲାର ଏରିଆ ଗ୍ରୁପ୍ ଓ ପାଠ୍ୟପୁସ୍ତକ ବିକାଶ କମିଟି ଗଠନ ହେବ।

ଭବିଷ୍ୟତରେ ଯେପରି ଏଭଳି ସମ୍ବେଦନଶୀଳ ଭୁଲର ପୁନରାବୃତ୍ତି ନହେବ, ସେଥିପାଇଁ ଏକ ଅଭେଦ୍ୟ ଚାରିସ୍ତରୀୟ ଯାଂଚ ବ୍ୟବସ୍ଥା ଓ ଫାଇନାଲ୍ ଲକଡ୍ ପିଡିଏଫ୍ ମେକାନିଜମ୍ ଜରିଆରେ ବହିଗୁଡିକୁ ସୁରକ୍ଷିତ କରାଯିବ। ଏଣିକି ଭାଷା, ଚିତ୍ର, ତଥ୍ୟ ଓ ମୁଦ୍ରଣଜନିତ ଚୂଡାନ୍ତ ଏକାଡେମିକ ଅନୁମୋଦନ ବିନା କୌଣସି ବି ପାଠ୍ୟପୁସ୍ତକ ପ୍ରିଣ୍ଟିଂ ପ୍ରେସକୁ ଯାଇପାରିବ ନାହିଁ। ପ୍ରତିଟି ନୂଆ ବହିର ପାଇଲଟ୍ ଟେଷ୍ଟିଂ କରାଯିବା ବାଧ୍ୟତାମୂଳକ ହେବ। ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଡିଟିପି ଏଜେନ୍ସି ଓ ପ୍ରିଣ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରତିଟି ଭୁଲ୍ ପାଇଁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ମାଟ୍ରିକ୍ସ ପ୍ରସ୍ତୁତ କରାଯାଇ ଦୋଷୀଙ୍କ ଉପରେ ଜରିମାନା ସହ ସେମାନଙ୍କୁ କଳାତାଲିକାଭୁକ୍ତ କରିବା ଭଳି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

## କେନ୍ଦୁଝରରୁ ଆଉ ଜଣେ ଠିକାଦାର ଗିରଫ

ଭୁବନେଶ୍ୱର୨୬।୬(ନି.ପ୍ର.): : ରାଜ୍ୟର ବହୁଚର୍ଚ୍ଚିତ ଖରଉ ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ମାମଲାରେ ତଦନ୍ତ ଯେତେ ଆଗକୁ ବଢୁଛି, ସେତେ ନୂଆ ନୂଆ ଚେହେରା ସାମ୍ନାକୁ ଆସୁଛନ୍ତି। ଏହି କ୍ରମରେ କେନ୍ଦୁଝର ଜିଲ୍ଲାରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗିରଫ ବ୍ୟକ୍ତି ହେଲେ ମାୟା ଟ୍ରେଡର୍ସର ପ୍ରୋପ୍ରାଇଟର ବିଭୂତି ଭୂଷଣ ବିଶ୍ୱାଳ। ତାଙ୍କ ବିରୋଧରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ କ୍ରୟ ଓ ସ୍ଥାପନ ପ୍ରକ୍ରିୟାରେ ଗୁରୁତର ଅନିୟମିତତା ଏବଂ ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ ରହିଛି। ଭିଜିଲାନ୍ସର ତଦନ୍ତକାରୀ ଦଳ ଦୀର୍ଘ ସମୟ ଧରି ବିଭିନ୍ନ ଦସ୍ତାବିଜ ଯାଞ୍ଚ, ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିବା ପରେ ବିଭୂତି ଭୂଷଣ ବିଶ୍ୱାଳଙ୍କୁ ଗିରଫ କରିଛନ୍ତି। ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି।

# ସ୍ୱାଭାବିକ ହେଲା ହର୍ମୁଜ

ତେହରାନ୍,୨୬।୬: ଇରାନ ଓ ଆମେରିକା ମଧ୍ୟରେ ବୁଝାମଣା ପରେ ଇନ୍ଧନ ପରିବହନ ନେଇ ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ ହର୍ମୁଜ୍ ଷ୍ଟ୍ରେଟ୍ ସ୍ୱାଭାବିକ ହୋଇଛି। ଗତ କିଛି ମାସ ଧରି ଇରାନର ଉପକୂଳବର୍ତ୍ତୀ କ୍ଷେପଣାସ୍ତ୍ର ଘାଟି (କୋଷ୍ଟାଲ ବ୍ୟାଟେରୀ) ନଜରରୁ ଖସି ଲୁଚିଛପି ରାତିରେ ହର୍ମୁଜ ପାର୍ ହେବା ପାଇଁ ତୈଳ ଟ୍ୟାଙ୍କରଗୁଡ଼ିକ ସେମାନଙ୍କର ସାଟେଲାଇଟ ଟ୍ରାକିଂ ସିଷ୍ଟମ ବନ୍ଦ କରିଦେବା ଆବଶ୍ୟକତା ମଧ୍ୟ ନାହିଁ। ଏବେ ଦିବାଲୋକରେ ଜାହାଜ ଚଳାଚଳ ସ୍ୱାଭାବିକ ହେବା ସହିତ ଗୁରୁବାର ସୁଦ୍ଧା ଦ୍ୱିଗୁଣିତ ହୋଇଛି। ଫେବୃଆରୀ ଶେଷ ଭାଗରେ ଇରାନ-ଆମେରିକା ସଂଘର୍ଷ ଆରମ୍ଭ ହେବା ପୂର୍ବରୁ ଏହି ପଥରେ ଦିନକୁ ଯେତିକି ସଂଖ୍ୟାରେ ଜାହାଜ ଚଳାଚଳ କରୁଥିଲା ଏବେ ତାହାର ଏବେ ପୁନରାବୃତ୍ତି ଘଟିଛି। ୧୫୦ରୁ ଅଧିକ ଜାହାଜ ଏହି ପ୍ରବେଶ ପଥ ବାହାରେ ଲଙ୍ଗର ପକାଇ ରହିଥିବା ବେଳେ ବହୁ ସଂଖ୍ୟକ ଜାହାଜ ସେଠାରୁ ପ୍ରସ୍ଥାନ କରୁଥିବା ଜାହାଜ ଟ୍ରାକିଂ ତଥ୍ୟରୁ ଜଣାପଡ଼ିଛି। ସେଗୁଡିକ ମଧ୍ୟରେ ରହିଥିବା ପ୍ରତ୍ୟେକ ୫ ନିୟୁତ ବ୍ୟାରେଲ ତୈଳ ନେଇ ଫସି ରହିଥିବା ତିନୋଟି ପ୍ରମୁଖ ଟ୍ୟାଙ୍କର ମଧ୍ୟ ଯାତ୍ରା ଆରମ୍ଭ କରିଛନ୍ତି। ଯାହାକୁ ନେଇ ଇନ୍ଧନ ଯୋଗାଣ କ୍ଷେତ୍ରରେ ବୈଶ୍ୱିକ ସ୍ତରରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକରୁ ଆଶ୍ୱସ୍ତିର ସଙ୍କେତ ମିଳିଥିବା କୁହାଯାଇଛି।



ହର୍ମୁଜ୍ ପ୍ରଣାଳୀରେ ଡ୍ରୋନ୍ ଆକ୍ରମଣ ପରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଜାତିସଂଘର ଏକ ଦଳ ଏହି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ସମୟରେ ଇରାନ ପକ୍ଷରୁ ଏହି ଆକ୍ରମଣ ହୋଇଛି। ଓମାନ ଉପକୂଳରେ ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣ ପରେ, ଜାତିସଂଘର ସାମୁଦ୍ରିକ ସଂସ୍ଥା, ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମ୍‌ଓ) ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖିଛି। ଆଇଏମ୍‌ଓର ନିଷ୍ପତ୍ତି ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜରେ ପ୍ରାୟ ୧୧,୦୦୦ ନାବିକଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ଗତ କିଛି ଦିନ ହେଲା ଜାତିସଂଘ ଓମାନ ଓ ଅନ୍ୟ କେତେକ ସଦସ୍ୟ ଦେଶମାନଙ୍କ ସାହାଯ୍ୟରେ ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜକୁ ସୁରକ୍ଷିତ ଭାବେ ବାହାର କରିବାକୁ ଅପରେସନ ଆରମ୍ଭ କରିଥିଲା। ଯୁଦ୍ଧ ଓ ସୁରକ୍ଷା କଟକଣା ଯୋଗୁଁ ଦୀର୍ଘ ଦିନ ଧରି ଫସି ରହିଥିବା ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ପାର କରିବାରେ ସାହାଯ୍ୟ କରିବା ଏହି ମିଶନର ଲକ୍ଷ୍ୟ ଥିଲା। କିନ୍ତୁ ଓମାନ ଉପକୂଳରେ ସିଙ୍ଗାପୁର ପତାକା ବହନ କରୁଥିବା ମାଲବାହୀ ଜାହାଜ 'ଏଭର ଲଭଲି' ଉପରେ ଗୁରୁବାର ଆକ୍ରମଣ ପରେ ଆଇଏମ୍‌ଓ ଏହାର ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଛି। ଏହି ଆକ୍ରମଣରେ କେଣସି ନାବିକଙ୍କ ମୃତ୍ୟୁ ହୋଇ ନଥିଲେ ମଧ୍ୟ ଜାହାଜ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଆଇଏମ୍‌ଓ ସୁରକ୍ଷା କାରଣର ଦ୍ୱାହି ଦେଇ ଉଦ୍ଧାର କାର୍ଯ୍ୟ ଅସ୍ଥାୟୀ ଭାବେ ବନ୍ଦ ରଖିଛି। ଆଇଏମ୍‌ଓ ମହାସଚିବ ଆର୍ସେନିଓ ଡୋମିଙ୍ଗୁଏଜ୍ କହିଛନ୍ତି ଯେ, ଉଦ୍ଧାର କରାଯିବା ତାଲିକାରେ ଥିବା ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଅଭିଯାନ ଆଗକୁ ବଢ଼ିବ ନାହିଁ। ତେବେ ଗୁରୁବାର ଆକ୍ରମଣର ଶିକାର ଜାହାଜ ଜାତିସଂଘର ଉଦ୍ଧାର ମିଶନର ଅଂଶ ନଥିଲା।

# ପୂର୍ବାଞ୍ଚଳ-ପୂର୍ବୋତ୍ତର ରାଜ୍ୟରୁ ନିବେଶ ଆସିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୨୬।୬(ନି.ପ୍ର.): ପୂର୍ବ ଓ ପୂର୍ବୋତ୍ତର ରାଜ୍ୟରୁ ନିବେଶ ହାସଲ କରିବା ତଥା ରାଜ୍ୟର ପଛୁଆ ଓ ସୀମାବର୍ତ୍ତୀ ଜିଲ୍ଲାଗୁଡିକରେ ଶିଳ୍ପାୟନର ନୂଆ ଯୁଗ ଆରମ୍ଭ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର 'ଗୋ-ଇଷ୍ଟ' ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଛନ୍ତି। ସିଆଇଆଇ ପୂର୍ବାଞ୍ଚଳ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ଲାଟ୍‌ଫର୍ମକୁ ଉନ୍ମୋଚନ କରିଛନ୍ତି।

'ଓଡିଶା ସରକାର: ଇଷ୍ଟର୍ଣ୍ଣ ଇନ୍‌ଭେଷ୍ଟମେଣ୍ଟ ଆସେଲରେଟର ଆଣ୍ଡ ସ୍ପେସିଆଲ୍ ଟାସ୍କ ଫୋର୍ସ' (ଗୋ-ଇଷ୍ଟ) ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ। ତାହା ସବୁ ନିବେଶ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବ। ଇକିପଲ୍‌ରେ ଏକ ସ୍ୱତନ୍ତ୍ର 'ଗୋ-ଇଷ୍ଟ ପ୍ରକୋଷ୍ଠ' ମଧ୍ୟ ଗଠନ କରାଯିବ। ନିବେଶ ପ୍ରକ୍ରିୟା ଓ ମଞ୍ଜୁରି ସ୍ଥିତିର ବାସ୍ତବ ସ୍ଥିତି ନିରୀକ୍ଷଣ ଓ ଟ୍ରାକିଂ ପାଇଁ ସ୍ୱତନ୍ତ୍ର 'ଗୋ-ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ପଦକ୍ଷେପ ଦ୍ୱାରା ଓଡିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡିକରେ ସର୍ବାଧିକ ପୁଞ୍ଜିନିବେଶ ହେବ ଓ ସେଠାରେ ନୂଆ ଶିଳ୍ପ ବିକାଶ କେନ୍ଦ୍ର ଗି ଉଠିବ। ଆଗାମୀ ପାଞ୍ଚ ବର୍ଷରେ ଓଡିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶିଳ୍ପ ନୀତି ୨୦୨୨ରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ରାଜ୍ୟର ୧୫ଟି ଜିଲ୍ଲାକୁ ଅଗ୍ରାଧିକାର ଶ୍ରେଣୀ (ଥ୍ରଷ୍ଟ ସେକ୍ଟର)ରେ ସାମିଲ କରାଯିବ। ସେଠାରେ ଅଣ ଖଣିଜ ଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯିବ।

ସେ କହିଲେ, ପୂର୍ବରୁ ଶିଳ୍ପ ପ୍ରତିଷ୍ଠା କରିବାକୁ ୪୦୦ ଦିନ ସମୟ ଲାଗୁଥିଲା। ତାହା ଏବେ ୧୬୦ ଦିନକୁ ହ୍ରାସ ପାଇଛି। ଆଗକୁ ତାହାକୁ ୧୦୦ ଦିନ ପର୍ଯ୍ୟନ୍ତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୪ ଜୁନ ପରଠାରୁ ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୨ଟି ପ୍ରୋଜେକ୍ଟର ଗ୍ରାଉଣ୍ଡିଂ ସରି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପର୍ଯ୍ୟାୟରେ ପହଞ୍ଚିଛି। ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ ସହ ସେମିକଣ୍ଡକ୍ଟର ଓ ଇଲେକ୍‌ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଗୁରୁତ୍ୱାରୋପ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଜଗତର




## ସୀମାବର୍ତ୍ତୀ-ପଛୁଆ ଜିଲ୍ଲା ଉପକୃତ ହେବେ

ଆବଶ୍ୟକତା ଅନୁଯାୟୀ ଯୁବଶକ୍ତିଙ୍କୁ ଆଧୁନିକ ଜ୍ଞାନକୌଶଳ ଦକ୍ଷତା ପ୍ରଦାନ କରିବା ଉପରେ ସରକାର କାର୍ଯ୍ୟ କରୁଥିବା ସେ କହିଥିଲେ। ସେହିପରି, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ଶିଳ୍ପ ଭିତ୍ତିଭୂମି, ଉନ୍ନତ ବିମାନ ତଥା ବନ୍ଦର ସଂଯୋଗୀକରଣ ଯୋଗୁଁ ଓଡ଼ିଶା ଏବେ କେବଳ ପୂର୍ବ ଭାରତ ନୁହେଁ, ବରଂ ସମଗ୍ର ଦେଶ ପାଇଁ ମାନୁଫାକ୍‌ଚରିଂର ପ୍ରମୁଖ ଗେଟ୍‌ୱେ ସାଜିଛି। ଏହି ଅବସରରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମତ ପ୍ରଧାନ, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା ପରିଷଦ ଅଧ୍ୟକ୍ଷ ଅନିଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରୁ ନକଲି ଆଇଏଏସ୍ ଗିରଫ

ଭୁବନେଶ୍ୱର୨୬।୬(ନି.ପ୍ର.): : ଭୁବନେଶ୍ୱରରୁ ନକଲି ଆଇଏଏସ୍ ଅଧିକାରୀ ଗିରଫ ହୋଇଛନ୍ତି। ସହିଦନଗର ଥାନା ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି । ସେ ହେଲେ ବରଦା ସୁଧୀର । ତାଙ୍କ ଘର ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାରେ ବୋଲି ଜଣାପଡ଼ିଛି । ବରଦା ସୁଧୀର ନିଜକୁ ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଲୋକଙ୍କୁ ଠକୁଥିଲେ । ଲୋକଙ୍କୁ କେତେବେଳେ ଜିଲ୍ଲାପାଳ ତ କେତେବେଳେ ଉପଜିଲ୍ଲାପାଳ ବୋଲି ପରିଚୟ ଦେଉଥିଲା। ଆଜି ବାପୁଜୀନଗର ଅଞ୍ଚଳରେ ଏକ ଚଷମା ଦୋକାନରୁ ଗୋଟିଏ ଦାମୀ ଚଷମା କିଣିଥିଲେ। ଯାହାର ମୂଲ୍ୟ ୫୦ ହଜାର ଟଙ୍କା । ପରେ ଟଙ୍କା ନ ଦେଇ ନିଜକୁ ଉପ ଜିଲ୍ଲାପାଳ ବୋଲି କହି ମୁହଁ ତୋଡ଼ ଦେଖାଇଥିଲେ । ସମ୍ପୃକ୍ତ ଦୋକାନୀଙ୍କର ସନ୍ଦେହ ହେବାରୁ ସେ ସହିଦନଗର ଥାନା ପୋଲିସକୁ ତୁରନ୍ତ ଖବର ଦେଇଥିଲେ । ପୋଲିସ ତାଙ୍କୁ ଗିରଫ କରିଥିଲା । ତେବେ ସୁଧୀରର ଏହା ପେସାରେ ପରିଣତ ହୋଇଯାଇଛି । ତାର ଏମିତି ୧୫ଟି ଠକେଇ ମାମଲା ରହିଛି । ପାରାଦୀପ, ତିର୍‌ତୋଲ, ଭୁବନେଶ୍ୱରରେ ଏକାଧିକ ଥାନାରେ ତା ନାଁରେ ମାମଲା ରହିଛି । ସେଠାରେ ମଧ୍ୟ ସମାନ ଅଭିଯୋଗ ରହିଛି । ସେ ଗିରଫ ହୋଇ ଜେଲ୍ ଯାଉଥିଲା ଏବଂ ପରେ ଜାମିନରେ ଆସି ପୁଣି ସମାନ କାମ କରୁଥିବା ଜଣାପଡ଼ିଛି ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଗୁଳିମାଡ଼ କରି ୩ ଦୁର୍ବୃତ୍ତ ଫେରାର

କଟକ:୨୬।୬(ନି.ପ୍ର.): କଟକ ଜିଲ୍ଲା ନରସିଂହପୁରରେ ଦିନଦ୍ୱିପ୍ରହରରେ ଗୁଳିକାଣ୍ଡ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଥାନା କୁଆଁପାଳ ଛକରେ ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରି ଫେରାର ହୋଇଯାଇଛନ୍ତି। ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ୩ ଜଣ ଯୁବକ ବାଇକ୍‌ରେ ଆସି ହଠାତ୍ ସରପଞ୍ଚଙ୍କ ସ୍ୱାମୀଙ୍କ ଉପରେ ଗୁଳି ଚଳାଇଥିଲେ। ଗୁଳିମାଡ଼ ପରେ ସେମାନେ ଘଟଣାସ୍ଥଳରୁ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଗୁଳିମାଡ଼ରେ ସରପଞ୍ଚଙ୍କ ସ୍ୱାମୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପଛରେ ପୂର୍ବ ଶତ୍ରୁତା ଥାଇପାରେ ବୋଲି ପ୍ରାଥମିକ ସନ୍ଦେହ କରାଯାଉଛି। ତେବେ ଆକ୍ରମଣର ପ୍ରକୃତ କାରଣ କ'ଣ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗୁଳିମାଡ଼ର ଖବର ପାଇ ମାଣିଆବନ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାକ୍ଷ୍ୟପ୍ରମାଣ ସଂଗ୍ରହ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ତାମିଲନାଡୁ ଗ୍ୟାସ୍ ଲିକ୍ ଦୁର୍ଘଟଣା ,ଆଉ ଜଣଙ୍କ ମୃତ୍ୟୁ, ସଂଖ୍ୟା ୧୧ କୁ ବୃଦ୍ଧି

କେନ୍ଦୁଝର୨୬।୬(ନି.ପ୍ର.): : ତାମିଲନାଡୁ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଚିକିତ୍ସାଧୀନ ସୁମିତ୍ରା ଜୁଆଙ୍ଗ (୧୬)ଙ୍କ ଆଜି ମୃତ୍ୟୁ ଘଟିଛି। ଏହା ପରେ ସେଠାରେ କାମ କରୁଥିବା ଓଡିଆ ଜୁଆଙ୍ଗ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଜି (ଶୁକ୍ରବାର) କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଓରିଆବିରିଦା ପଞ୍ଚାୟତ ଅନ୍ତର୍ଗତ ପିଟାନାଳୀ ଗ୍ରାମର ନୀଳମଣି ଜୁଆଙ୍ଗଙ୍କ ଝିଅ ସୁମିତ୍ରା ଜୁଆଙ୍ଗ(୧୬)ଙ୍କ ଚେନ୍ନାଇସ୍ଥିତ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଝିଅର ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୁମିତ୍ରା ଗତ ୨୦୨୫ ମସିହାରେ ମାଟ୍ରିକ ପାସ କରିଥିଲେ। ଉଚ୍ଚଶିକ୍ଷା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିବାରୁ କଲେଜରେ ନାମ ଲେଖାଇ ପାରିନଥିଲେ। କୋହଭରା କଣ୍ଠରେ ମା' ସମବାରୀ କାନ୍ଦି କାନ୍ଦି କହିଛନ୍ତି, ଶ୍ରୀକାନ୍ତ ଜୁଆଙ୍ଗ ନାମକ ଜଣେ ଶ୍ରମିକ ଦଲାଲ ସୁମିତ୍ରାକୁ ତାମିଲନାଡୁ ନେଇଯାଇଥିଲେ। ଝିଅ ଟଙ୍କା ରୋଜଗାର କରି କଲେଜ ପଢ଼ିବ କ'ଣ ଅକାଳରେ ଜୀବନ ଚାଲିଗଲା।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେତନଙ୍କ ପରିବାର

ମହାରାଷ୍ଟ୍ର: ପ୍ରେମ, ବିଶ୍ୱାସ ଓ ବିବାହର ସ୍ୱପ୍ନ... କିନ୍ତୁ ଶେଷରେ ମିଳିଲା ମୃତ୍ୟୁ। ମହାରାଷ୍ଟ୍ରର ପୁଣେର ଚର୍ଚ୍ଚିତ କେତନ ଅଗ୍ରୱାଲ ହତ୍ୟା ମାମଲା ଏବେ ନୂଆ ମୋଡ଼ ନେଇଛି। ନିଜ ୨୬ ବର୍ଷୀୟ ପୁଅକୁ ହରାଇଥିବା ବାପା ବିଶାଳ ଅଗ୍ରୱାଲ ଶୁକ୍ରବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ପୁଣେରେ ଭେଟି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ଶୀଘ୍ର ନ୍ୟାୟ ପାଇଁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଫଡନାଭିସ ପରିବାରକୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ଏହି ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ ସବୁଠାରୁ କଠୋର ଦଣ୍ଡ ଦିଆଯିବ। ଏହାସହ ମାମଲାର ଶୁଣାଣି ଫାଷ୍ଟ ଟ୍ରାକ୍ କୋର୍ଟରେ କରିବାକୁ ନିର୍ଦ୍ଦେଶ ଦେବା ସହ ବରିଷ୍ଠ ଆଇନଜୀବୀ ଉଜ୍ଜ୍ୱଳ ନିକମଙ୍କୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତ କରିବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛନ୍ତି। ଆଇନ ବିଭାଗକୁ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# କେନ୍ଦ୍ର କ୍ୟାବିନେଟରେ ହୋଇପାରେ ଅଦଳବଦଳ

ନୂଆଦିଲ୍ଲୀ,୨୬।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ୍‌ରେ ଖୁବ୍‌ଶୀଘ୍ର ବଡଧରଣର ଅଦଳ ବଦଳ ହୋଇପାରେ। ତେବେ କେଉଁ ତାରିଖରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବ ଓ କେଉଁମାନେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ ତାହା ସ୍ପଷ୍ଟ କରାଯାଇ ନାହିଁ। କେନ୍ଦ୍ର ଶିକ୍ଷା, ଅର୍ଥ, ବିଦେଶ ଓ ତେଳ ମନ୍ତ୍ରଣାଳୟକୁ ନେଇ ବିରୋଧୀ ଦଳଗୁଡିକ ତୀବ୍ର ସମାଲୋଚନା କରୁଥିବାବେଳେ କେତେକ ମନ୍ତ୍ରୀଙ୍କ ମନ୍ତ୍ରଣାଳୟରେ ଅଦଳବଦଳ ହୋଇପାରେ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପୃଥକ୍ ପୃଥକ୍ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ପରେ ଏନେଇ ଚର୍ଚ୍ଚା ଅଧିକ ବିଛି।

ଜି ନ୍ୟୁଜ ରିପୋର୍ଟରେ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇପାରେ। ପ୍ରଶ୍ନପତ୍ର ଲିକ୍‌କୁ ନେଇ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି ଓ ବିରୋଧ ପ୍ରଦର୍ଶନ ଜାରି ରହିଥିବାବେଳେ ବିରୋଧୀ ଦଳମାନେ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀଙ୍କ ସ୍ଥାନରେ ପଞ୍ଜାବରୁ ଅନ୍ୟ କେଣସି ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ସେହିପରି ବିରୋଧୀଙ୍କ ଟାର୍ଗେଟରେ ଥିବା ନିର୍ମଳା ସୀତାରମଣ, ନୀତୀନ ଗଡକରୀ ଓ ମନୋହର ଲାଲ ଖଟ୍ଟରଙ୍କ ବିଭାଗ ମଧ୍ୟ ପରିବର୍ତ୍ତନ ହୋଇପାରେ। ରିପୋର୍ଟ ଅନୁଯାୟୀ ଲୋକସଭା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କୁ ବଡ ପଦବୀ ଦିଆଯାଇପାରେ। ଶ୍ରୀକାନ୍ତ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପୁଅ। ରାଜ୍ୟସଭା ସାଂସଦ ରାଘବ ଚାଡ୍ଡାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ରାଘବ ନିଜେ ଏହା ଉପରେ ପ୍ରତିକ୍ରିୟା ରଖିନାହାନ୍ତି। ଆମ୍ ଆଦମୀ ପାର୍ଟିରୁ ଆସିଥିବା ରାଘବଙ୍କୁ ବଡ ଦାୟିତ୍ୱ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏହାବ୍ୟତୀତ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଟିଏମ୍‌ସି ଛାଡି ଆସିଥିବା ଶୁଭେନ୍ଦୁ ଶେଖର ରାୟଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ।

ବିଜେପି ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ନିଜର ନୂଆ ଟିମ୍ ଘୋଷଣା କରିଛି। ଉତ୍ତର ପ୍ରଦେଶ ବିଜେପି ରାଜ୍ୟ ଅଧ୍ୟକ୍ଷ ପଙ୍କଜ ଚୌଧୁରୀଙ୍କ ଟିମ୍‌ର କଳେବର ବୃଦ୍ଧି କରାଯାଇଛି। ପ୍ରଦେଶ ଉପାଧ୍ୟକ୍ଷ, ପ୍ରଦେଶ ମହାମନ୍ତ୍ରୀ ଓ ପ୍ରଦେଶ ମନ୍ତ୍ରୀଙ୍କ ମୋଟ ଛଅଟି ପଦବୀ ବୃଦ୍ଧି କରାଯାଇଛି। ନୂଆ ଟିମ୍‌ରେ ୬୦ ପ୍ରତିଶତ ନୂଆ ଚେହେରାଙ୍କୁ ସାମିଲ କରାଯାଇଛି। ବର୍ତ୍ତମାନ ଟିମ୍‌ରେ ଥିବା ଦୁଇ ଡଜନରୁ ଅଧିକ ନେତାଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଓବିସି ସମ୍ପ୍ରଦାୟର ସର୍ବାଧିକ ନେତାଙ୍କୁ ଏଥିରେ ସାମିଲ କରାଯାଇଛି। ଅନ୍ୟ ରାଜ୍ୟରେ ମଧ୍ୟରେ ସଙ୍ଗଠନସ୍ତରରେ ପରିବର୍ତ୍ତନ କରାଯାଇଛି।

# 'ଅପରେସନ୍ ସିନ୍ଦୂର'ରେ ସହିଦ ହୋଇଛନ୍ତି ୬ ସେନା

ନୂଆଦିଲ୍ଲୀ୨୬।୬(ନି.ପ୍ର.): : ପାକିସ୍ତାନ ଓ ପିଓକେ (ପାକିସ୍ତାନ ଅଧିକୃତ କାଶ୍ମୀର)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଗତ ବର୍ଷ ମେ' ମାସରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ସୀମାପାର ସାମରିକ ଅଭିଯାନ 'ଅପରେସନ୍ ସିନ୍ଦୂର'କୁ ନେଇ କେନ୍ଦ୍ର ସରକାର ଏକ ବଡ଼ ତଥ୍ୟ ସାମ୍ନାକୁ ଆଣିଛନ୍ତି। ଏହି ଅପରେସନ୍ ସମୟରେ ବୀରତ୍ୱର ସହ ଲଢ଼ି ଶହୀଦ ହୋଇଥିବା ୬ ଜଣ ଭାରତୀୟ ସେନା ଯବାନଙ୍କ ନାମ ସରକାର ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଭାବେ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଏହି ବୀର ସହିଦମାନଙ୍କ ନାମ ଜାତୀୟ ଯୁଦ୍ଧ ସ୍ମାରକୀର ୱେବସାଇଟରେ ''ରୋଲ୍ ଅଫ୍ ଅନର୍'' ବିଭାଗରେ ପ୍ରକାଶିତ ହେବା ସହ ନୂଆଦିଲ୍ଲୀସ୍ଥିତ ଯୁଦ୍ଧ ସ୍ମାରକୀର ପ୍ରାଚୀରରେ ମଧ୍ୟ ଖୋଦିତ କରାଯାଇଛି। ଏହି ସାମରିକ ଅଭିଯାନରେ ଭାରତୀୟ ସଶସ୍ତ୍ର ବାହିନୀର ଯବାନ ସହିଦ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ଏହା ହେଉଛି ପ୍ରଥମ ଆନୁଷ୍ଠାନିକ ତଥା ସାର୍ବଜନୀନ ସ୍ୱୀକୃତି। ଦେଶ ମାତୃକାର ସେବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ବୀର ସହିଦମାନଙ୍କ ମଧ୍ୟରେ ହେଡକ୍ୱାର୍ଟର୍ସ ୧୦ ଇନଫାଣ୍ଟ୍ରି ବ୍ରିଗେଡର ସୁବେଦାର ମେଜର ପବନ କୁମାର, ୪ ଜମ୍ମୁ ଏବଂ କାଶ୍ମୀର ଲାଇଟ୍ ଇନଫାଣ୍ଟ୍ରିର ରାଇଫଲମ୍ୟାନ୍ ସୁନୀଲ କୁମାର (ବୀର ଚକ୍ର), ୫ ଫିଲ୍ଡ ରେଜିମେଣ୍ଟର ଲାନ୍ସ ନାୟକ ଦିନେଶ କୁମାର, ୮୫୧ ଲାଇଟ୍ ରେଜିମେଣ୍ଟର ଆର୍ଟିଏସନ୍ ଟେକ୍ନିସିଆନ୍ ମୁଡ୍ ମୁରଲୀନାୟକ, ୨୩୭ ଫିଲ୍ଡ ୱର୍କସପ୍ କମ୍ପାନୀର ହାଭିଲଦାର ସୁନୀଲ କୁମାର ସିଂ ଏବଂ ୩୯ ୱିଙ୍ଗର ସର୍ଜେଣ୍ଟ ସୁରେନ୍ଦ୍ର କୁମାର (ବାୟୁ ସେନା ପଦକ) ସାମିଲ ଅଛନ୍ତି। ଦେଶ ପାଇଁ ପ୍ରାଣବଳି ଦେଇଥିବା ସାମରିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ସ୍ମାରକୀର ୨୦୨୫ ବିଭାଗର 'ୱାଲ୍ ୩ଡି'ରେ ଏହି ନାମଗୁଡ଼ିକୁ ସ୍ଥାନ ଦିଆଯାଇଛି।

ପ୍ରକାଶିତ ଏହି ତାଲିକାରୁ ସ୍ପଷ୍ଟ ଜଣାପଡୁଛି ଯେ 'ଅପରେସନ୍ ସିନ୍ଦୂର'ରେ ସ୍ଥଳସେନା ଓ ଭାରତୀୟ ବାୟୁସେନା ଉଭୟ ବିଭାଗର ଯବାନମାନେ ସାମିଲ ଥିଲେ, ଯାହା ଏହି ସାମରିକ ଅଭିଯାନର ମିଳିତ ଏବଂ ସମନ୍ୱିତ ରଣନୀତିକୁ ଦର୍ଶାଉଛି। ସମ୍ମାନିତ ବୀରମାନଙ୍କ ମଧ୍ୟରେ ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ତାଙ୍କର ଅସାଧାରଣ ସାହସିକତା ପାଇଁ ''ବୀର ଚକ୍ର'' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ''ବାୟୁ ସେନା ପଦକ''ରେ ସମ୍ମାନିତ କରାଯାଇଛି, ଯାହା ଏହି ଆତଙ୍କବାଦବାଦ ବିରୋଧୀ ଅପରେସନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରମାଣିତ କରୁଛି। ଇଣ୍ଡିଆ ଗେଟ୍ ନିକଟରେ ୨୦୧୯ ମସିହାରେ ଉଦଘାଟିତ ହୋଇଥିବା ଜାତୀୟ ଯୁଦ୍ଧ ସ୍ମାରକୀରେ ସ୍ୱାଧୀନତା ପରଠାରୁ ଦେଶର ବିଭିନ୍ନ ସାମରିକ ଅପରେସନ ଏବଂ ଯୁଦ୍ଧରେ ସହିଦ ହୋଇଥିବା ଯବାନମାନଙ୍କୁ ସ୍ମରଣ କରାଯାଇଥାଏ।



## ଓଡ଼ିଶାରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ଉଦଯାପିତ ଦିବସ ପାଳିତ

କବିସୂର୍ଯ୍ୟନଗର,୨୬।୬:(ମନ୍ଥନ)ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକରେ ଅନୁଷ୍ଠିତ ହୋଇଥିବା ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମର ଉଦଯାପିତ ଦିବସ ଅନୁଷ୍ଠିତ ହୋଇଯାଇଛି । ଉଦଯାପିତ ଦିବସରେ ମୁଖ୍ୟ ଅତିଥିଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଓ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳତା ଓ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାସହ ଜନସାଧାରଣ ଏହାର କିଭଳି ସୁଫଳ ପାଇବେ ସେ ନେଇ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଅନ୍ତରଦୋୟ ଗୃହ ଯୋଜନାରେ ୨୦ଜଣ, ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ୩୩୮ ଓ ଲକ୍ଷ୍ୟପତି ଦିଦି ଯୋଜନାରେ ୩୮ଜଣଙ୍କୁ ଏହି ସରକାରୀ ସୁବିଧା ଯୋଗାଇ ଦେଇଛନ୍ତି ସରକାର । ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ଅଧିକାରୀ ଓ ସାଧାରଣ ଲୋକଙ୍କ ବ୍ୟାପକ ସହଭାଗିତା ଦେଖିବାକୁ ମିଳିଥିଲା । କୃଷକ କଲ୍ୟାଣ, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତିଭୂମି ବିକାଶ କ୍ଷେତ୍ରରେ ସରକାରଙ୍କ ସଫଳତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଯାଇଥିଲା । ବ୍ଲକ ପରିସରରେ ଆୟୋଜିତ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ଅଧକ୍ଷତା କରିଥିଲେ । ଏହି ଅବସରରେ ବକ୍ତାମାନେ ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକାରୀ ଯୋଜନା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷକରି କୃଷକ କଲ୍ୟାଣ, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଭିତିଭୂମି ବିକାଶ କ୍ଷେତ୍ରରେ ସରକାରଙ୍କ ସଫଳତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।



## ଶିଶୁ ଓ କିଶୋର ଶ୍ରମ ଆଇନ ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା

କେନ୍ଦ୍ରାପଡ଼ା, ୨୬।୬:(ମନ୍ଥନ)ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆନୁକୂଲ୍ୟରେ ତଥା ଜିଲ୍ଲା ଶ୍ରମ ବିଭାଗ ସହଯୋଗରେ ଆଜି ଶିଶୁ ଓ କିଶୋର ଶ୍ରମ(ନିଷେଧ ଓ ନିୟନ୍ତ୍ରଣ)ଆଇନ ୧୯୮୬ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ଓ ମନସ୍ମିତା ଖୁଣ୍ଟିଆ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ଶିଶୁମଙ୍ଗଳ ସମିତି ଅଧକ୍ଷା ସ୍ୱାଗତିକା ପାତ୍ର,ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଆଇସିୟୁଏଡବ୍ଲୁ ଡିଏସପି ବବିତା ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥି ମାନେ ଶିଶୁ ଶ୍ରମିକ ଚାଲାଣ ରୋକିବା, ୧୪ ବର୍ଷରୁ କମ ଶିଶୁ ମାନଙ୍କୁ ହୋଟେଲ, ଦୋକାନ, ଇଟାଭାଟି ଆଦି ସ୍ଥାନ ମାନଙ୍କରେ ନିୟୋଜିତ ନ କରିବାକୁ ସଚେତନ କରିବା,ସ୍କୁଲ ଛାଡୁ ଥିବା ପିଲା ମାନଙ୍କୁ ଶିକ୍ଷା ପ୍ରଦାନ କରାଯିବା ସହ ୧୪ ବର୍ଷରୁ ଉର୍ଦ୍ଧ ପିଲା ମାନଙ୍କୁ ବୈଷୟିକ ଧନ୍ଦାମୂଳକ ତାଲିମ ପ୍ରଦାନର ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱରୋପ କରିଥିଲେ । ଶିଶୁ ଶ୍ରମିକ ମୁକ୍ତ ଓଡିଶା ହେଉଛି ଆମ ସଂକଳ୍ପ । ଶିଶୁ ଆମ ଭବିଷ୍ୟତ, ବିକଶିତ ଓଡିଶା ବିକଶିତ ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ଶିଶୁ ମାନେ ସଶକ୍ତ ଓ ଶିକ୍ଷିତ ହେବେ । ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଗ୍ରାମାଞ୍ଚଳରେ ଅଙ୍ଗନବାଡି, ସ୍ୱୟଂସହାୟକା ଗୋଷ୍ଠୀର ମହିଳା ଓ ସ୍ୱେଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନେବା ଉଚିତ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଦାରିଦ୍ୟ, ଅର୍ଥନୈତିକଦୁର୍ବଳତା, ଶିକ୍ଷାର ଅଭାବ ଯୋଗୁଁ ଓଡ଼ିଶାରେ ଶିଳ୍ପାଞ୍ଚଳ, ହୋଟେଲ, ଦୋକାନ ଓ କାରଖାନାରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ଶିଶୁ ଶ୍ରମିକ ଚାଲାଣ ବାହାର ରାଜ୍ୟକୁ ହେଉଛି । ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଆଇନଗତ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ସମସ୍ତ ବିଭାଗର ସମନ୍ୱୟ ଓ ସହ ଭାଗିତାର ଆବଶ୍ୟକତା ଅଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଟ୍ରେନର ସସ୍ମିତା ଦାସ ପିପିଟି ମାଧମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଚାଇଲଡ ହେଲ୍ପ ଲାଇନ -୧୦୯୮, ପୋଲିସ ୧୧୨ ଓ ଟୋଲ ଫ୍ରି ନମ୍ବର ୧୮୦୦୩୪୫୪୪୯୪ ରେ ଯୋଗାଯୋଗ କରି ଶିଶୁ ଶ୍ରମିକ ଉଦ୍ଧାର ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କ ସଞ୍ଚାଳନାରେ ଏହି କର୍ମଶାଳାରେ ସିଡବ୍ଲୁସି ସଦସ୍ୟ, ସ୍ୱେଛାସେବୀ ସଙ୍ଗଠନ କର୍ମକର୍ତ୍ତା, ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା, ଜିଲ୍ଲା ଶ୍ରମ ବିଭାଗର ସମସ୍ତ ଅଧିକାରୀ, ବିଭିନ୍ନ ବ୍ଲକର ସିଡିପିଓ, ବିଭିନ୍ନ ଥାନର ଭାରପ୍ରାପ୍ତ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।



## ଦକ୍ଷିଣ ପୂର୍ବ ରେଳବାଇ ଜିଏମ୍ ଙ୍କ ଦ୍ୱାରା ଜଳେଶ୍ୱର ଷ୍ଟେସନରେ ଅମୃତ ଯୋଜନାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଜଳେଶ୍ୱର,୨୬।୬:(ମନ୍ଥନ)ଦକ୍ଷିଣ ପୂର୍ବ ରେଳବାଇ ଜିଏମ ଅନୀଲ କୁମାର ଜୈନ ଅପରାହ୍ନ ୫.୧୫ ମିନିଟରେ ଜଳେଶ୍ୱର ଷ୍ଟେସନରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଭିନ୍ନ ସ୍ଥାନରେ ଚାଲି ଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା,ଯାତ୍ରୀ ମାନଙ୍କ ପାଇଁ ବିଭିନ୍ନ ଆବଶ୍ୟକୀୟ ବ୍ୟବସ୍ଥା,ସେବାମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ପ୍ରଭୃତି ସମ୍ପର୍କରେ ଶ୍ରୀ ଜୈନ ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କସହିତ ଆଲୋଚନା କରିଥିଲେ । ଷ୍ଟେସନ୍ ସମ୍ମୁଖରେ ନିର୍ମାଣଧୀନ ରେଷ୍ଟ ହାଉସ୍ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଫୁଟ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ଜୈନ ଠିକାଦାର କମ୍ପାନୀ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜଳେଶ୍ୱର ଷ୍ଟେସନରେ ଅମୃତ ଯୋଜନାରେ



ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ କାର୍ଯ୍ୟ ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜି.ଏମ୍ ଶ୍ରୀ ଜୈନ ୧ ନମ୍ବର ପ୍ଲାଟଫର୍ମରେ ରହିଥିବା ୱାନ ଷ୍ଟେସନ,ୱାନ ପ୍ରଡକ୍ଟ ଯୋଜନାରେ ସାମିଲ ନଡ଼ିଆ । କତା ଷ୍ଟଲ୍ ପରିଦର୍ଶନ କରି ପ୍ରୋପାଇଟର କେଦାର ନାଥ ପରିଡ଼ାଙ୍କ ସହିତ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଜି.ଏମଙ୍କ ସହିତ ଖଡଗପୁର ଡିଭିଜନର ଡି .ଆର.ଏମ୍ ଲଳିତ ମୋହନ ପାଣ୍ଡେ, ସିନିୟର୍ ଡି.ସି. ଏମ୍ ଆଶିଷ କୁମାର,ଡେପୁଟି ସି.ପି.ଏମ୍, ଏ.ସି.ଏମ୍, ଆସିଷ୍ଟାଣ୍ଟ ଇଞ୍ଜିନୟର,କମର୍ସିଆଲ ଇନ୍ସପେକ୍ଟର ଶୁଭଙ୍କର ରାଉଳ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେୟସେ ପ୍ରାୟ ୪୦ମିନିଟ ଜଳେଶ୍ୱର ଷ୍ଟେସନରେ ରହିବା ପରେ ଅପରାହ୍ନ ୫.୫୫ମିନିଟ ସମୟରେ ବେଲଦା ଷ୍ଟେସନ ଅଭିମୁଖେ ସମୀକ୍ଷା ପାଇଁ ଯାଇଥିଲେ ।

## ଜଙ୍ଗିଓ୍ୱାଡ଼ାରେ 'ବିକାଶ ର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ

ମାଲକାନଗିରି କାଲିମେଳା ,୨୬।୬:(ମନ୍ଥନ) ଆଜି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଭେଜାଙ୍ଗିଓ୍ୱାଡ଼ା ଠାରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆୟୋଜିତ 'ବିକାଶ ର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ବୁଧବାର ମାଲକାନଗିରି ବ୍ଲକ୍ ଅନ୍ତର୍ଗତ ଭଜଙ୍ଗିଓ୍ୱାଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ଏଜଝ ଦିଗଦର୍ଶନି ରାଉତ ମୁଖ୍ୟ ଅତିଥିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହାପରେ ମାଲକାନଗିରି ଜିଲ୍ଲା Special Development Council - SDC ର ଚେୟାରମ୍ୟାନ୍ ତଥା ମାଲକାନଗିରି ବିଧାୟକ ଶ୍ରୀଯୁକ୍ତ ଗଙ୍ଗା ସୋଢି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମଞ୍ଚରେ ଭଜଙ୍ଗିଓ୍ୱାଡ଼ା ସରପଞ୍ଚ, ସନ୍ତୋଷ କବାସୀ ସମିତି ସଭ୍ୟ, ଗାର୍ଙ୍ଗି ପଡିଆମୀ ଚରଙ୍ଗ ଦାମୋଦର ଖିଲ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ନିଜ ଅଭିଭାଷଣରେ SDC ଚେୟାରମ୍ୟାନ୍ ଶ୍ରୀ ଯୁକ୍ତ ଗଙ୍ଗା ସୋଢି କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ଉପଲବ୍ଧି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସେ କହିଲେ ଯେ, ଡବଲ ଇଞ୍ଜିନ ସରକାର ଯୋଗୁଁ ଓଡିଶାରେ ବିକାଶର ଧାରା ଦ୍ରୁତ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ, ଉଜ୍ଜ୍ୱଳା, ଜଳ ଜୀବନ ମିଶନ, ଆୟୁଷ୍ମାନ ଭାରତ ଭଳି କେନ୍ଦ୍ରୀୟ ଯୋଜନା ଓ ସୁଭଦ୍ରା ଲକ୍ଷପତି ଦିଦି , ମଧୁବାବୁ ପେନସନ୍, ମିଶନ ଶକ୍ତି ଭଳି ରାଜ୍ୟ ଯୋଜନାରେ ମାଲକାନଗିରି ଜିଲ୍ଲାର ଚିତ୍ର ବଦଳିଛି । ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ଉପଲବ୍ଧିର 'ରିପୋର୍ଟ କାର୍ଡ' ସାଧାରଣ ଲୋକଙ୍କୁ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ କୃଷି, ପଶୁ ସମ୍ପଦ, ମତ୍ସ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଣ, ICDS, ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଥିଲା । ଏହି ଷ୍ଟଲଗୁଡ଼ିକରେ ତୁରନ୍ତ ସେବା ଯୋଗାଇ ଦିଆଯାଇଥିଲାୟ ୭୦ ଜଣଙ୍କୁ ନୂଆ ରାସନ କାର୍ଡ, ୧୮ ଜଣଙ୍କୁ ମଧୁବାବୁ ପେନସନ୍ ୦୩ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ହାତରେ ମୋଟ ୫୦ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଭଜଙ୍ଗିଓ୍ୱାଡ଼ା ସମେତ ଆଖପାଖ ୯ ଟି ଗାଁର ୧୪ ଟି ୱାର୍ଡ ରୁ ୩୦୦ ରୁ ଅଧିକ ଜନସାଧାରଣ, ମହିଳା SHG ସଦସ୍ୟା ଓ ଯୁବକ ଉପସ୍ଥିତ ଥିଲେ ।



## ଯୁବସାମ୍ବାଦିକ ଦୀପକ ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା, ୨୬।୬:(ମନ୍ଥନ)ମାହାଙ୍ଗା ବ୍ଲକର ବରାହିପୁର ପଂଚାୟତର ମଣିଯୋରୀ ସ୍ଥିତ ସହିତ ଭବନ ପରିସରରେ ମାହାଙ୍ଗା ବୁଦ୍ଧିଜୀବି ସାରସ୍ୱତ ସେବା ସଂଗଠନ ମଣିଯୋରୀର ଆନୁକୂଲ୍ୟରେ ଯୁବସାମ୍ବାଦିକ ସ୍ୱର୍ଗତ ଦୀପକ କୁମାର ସାହୁଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳୀ ସଭା ଗବେଷକ ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥିମାନେ ସ୍ୱର୍ଗତ ଦୀପକ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପ,ଧୂପ ପ୍ରଦାନ କରିଥିଲେ । ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ପରେ ଭଜନ ପରିବେଷଣ କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ ଜନାର୍ଦ୍ଦନ ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ,ଡଃ ଭାବଗ୍ରାହୀ ରାଉତ,ଦ୍ୱିତୀୟଭଞ୍ଜ ସାହିତ୍ୟସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ସ୍ତମ୍ଭକାର ବିବେକାନନ୍ଦ ଦାସ,କଲ୍ଲୋଳ ଚନ୍ଦ୍ର ମହାନ୍ତି, ହରିବନ୍ଧୁ ରାଉତ,ଶୈଳେନ୍ଦ୍ର ଶେଖର ସାହୁ, ଆଶୁକବି ବିଜୟ କୁଅଁର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦୀପକ ସାହୁଙ୍କ ସଂପର୍କରେ ଆଲୋକପାତ କରିବା ସହ ମାହାଙ୍ଗା ଅଂଚଳରେ ସମ୍ବାଦର ସାମ୍ବଦିକ ଭାବେ କାର୍ଯ୍ୟକରି ସେ ବହୁ ସୁନାମ ଅର୍ଜନ କରି ମତବ୍ୟକ୍ତି କରିଥିଲେ । ତାଙ୍କ ବିୟୋଗରେ ମାହାଙ୍ଗା ଅଂଚଳ ଜଣେ ନିର୍ଭୀକ ସାମ୍ବାଦିକକୁ ହରାଇଲା ବୋଲି ବକ୍ତାମାନେ ନିଜଭାଷଣରେ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ରାଉତ, ଅନନ୍ତ ମହାରଣା, ରାଜକିଶୋର ମହାନ୍ତି, ରମେଶ ଚନ୍ଦ୍ର ସାହୁ ସରୋଜ କୁମାର ସାହୁ, ଶୁଭସ୍ମିତା ବେହେରା,ରବିନ୍ଦ୍ରନାଥ ବେହେରା, ଉଷାରାଣୀ ଦାସ ପ୍ରମୁଖ ଅଂଶଗ୍ରହଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ନଳିନୀକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନାପ୍ରଦାନ କରିଥିଲା ବେଳେ କୈବଲ୍ୟ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ଶିକ୍ଷାବିତ୍ , ବୁଦ୍ଧିଜୀବି ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ ।



## ଆରଡି ସବଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟରେ ମାଡ

କେନ୍ଦ୍ରାପଡ଼ା,୨୬।୬:(ମନ୍ଥନ)କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ(ଆରଡି)ଡିଭିଜନ-୧ର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟ ଭିତରେ ମାଡ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସାଦର ଥାନା ଅଧିନ ଇଛାପୁରସ୍ଥିତ ଗ୍ରାମ୍ୟଉନ୍ନୟନ(ଆରଡି) ଡିଭିଜନ-୧ର ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳ ତାଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ୨୪ତାରିଖ ବୁଧବାର ଅପରାହ୍ନ ସାଢେ ତିନିଟା ବେଳେ କେନ୍ଦ୍ରାପଡାର ସଂଗ୍ରାମ କିଶୋର ଜେନା ଓ ତାଙ୍କ ସହଯୋଗୀମାନେ ହଠାତ ପଶିଆସି ଥିଲେ । ସେମାନେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ସହିତ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହିତ ଶ୍ରୀ ବିଶ୍ୱାଳଙ୍କୁ ସଂଗ୍ରାମ ଚାପୁଡା ମାରିଥିବା ସେ ଅଭିଯୋଗ କରିଛନ୍ତି । ଶ୍ରୀ ଜେନା ଏହି ଘଟଣା ପୂର୍ବରୁ ବିଭିନ୍ନ ସମୟରେ ତାଙ୍କୁ ଧମକ ଚମକ ଦେଇ ଦାଦାବଟି ମାଗୁଥିବା ମଧ ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି । ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ମଧ ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି । ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆରଡି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଏହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଓ ଏସପିଙ୍କୁ ଜଣାଇଛନ୍ତି ।

## କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରି ଫେରାର, ଅଭିଯୁକ୍ତକୁ ବାନ୍ଧିଲା ପୋଲିସ

ବୁଗୁଡ଼ା,୨୬।୬:(ମନ୍ଥନ) ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ ଅଭିଯୋଗ ପରେ ଫେରାର ହୋଇଯାଇଥିବା ଜଣେ ଯୁବକଙ୍କୁ ବୁଗୁଡା ପୋଲିସ ତାମିଲନାଡୁରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମ୍ବିରି ଗ୍ରାମର ରଘୁନାଥ ପ୍ରଧାନ (୨୬) । ପୋଲିସ ଏ ନେଇ କେସ୍ ନଂ ୨୧୪/୨୬ରେ ଏକ ମାମଲା ରୁଜୁ କରିଥିବା ବେଳେ ଆଜି ଅଭିଯୁକ୍ତ ରଘୁନାଥକୁ କୋର୍ଟ ଚାଲାଣ କରିଥିବା ମହିଳା ଏସଆଇ ଜ୍ୟୋତିଶ୍ରୀ ସାହୁଙ୍କଠାରୁ ପ୍ରକାଶ ପାଇଛି ।

## ଓଏସଜି ପ୍ରତିନିଧିଙ୍କ ତେନ୍ତୁଳିଖୁଣ୍ଟି କ୍ଷେତ୍ର ପରିଦର୍ଶନ

ତେନ୍ତୁଳିଖୁଣ୍ଟି, ୧୮ ଜୁନ୍: ନବରଙ୍ଗପୁର ଜିଲ୍ଲାର ଆକାଂକ୍ଷୀ ବ୍ଲକ ତେନ୍ତୁଳିଖୁଣ୍ଟିରେ ଇଟିପିଏ ଫାଉଣ୍ଡେସନ୍ ପକ୍ଷରୁ ଅଏସଜି ଇଣ୍ଡିଆ । ପ୍ରାଇଭେଟ୍ ଲିମିଟେଡ୍ର ସହଯୋଗରେ ତେନ୍ତୁଳିଖୁଣ୍ଟି ବ୍ଲକର ଦିଗି ଏବଂ ତେନ୍ତୁଳିଖୁଣ୍ଟି ପଞ୍ଚାୟତରେ ନ୍ୟୁଟ୍ରି -ହୋପ ପ୍ରକଳ୍ପ ଚାଲିଥିଲାୟ ଏହି ପ୍ରକଳ୍ପ ମାଧ୍ୟମରେ ମା' ଓ ଶିଶୁ ସ୍ୱାସ୍ଥ୍ୟ, ପୋଷଣ, କିଶୋରୀ ବାଳିକାଙ୍କୁ ସଚେତନ କରିବା ଓ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଯୋଡ଼ିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲାୟ ଏହି ପ୍ରକଳ୍ପ ମାଧ୍ୟମରେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ, କିଶୋରୀ, ଅବହେଳିତ, ଯକ୍ଷ୍ମା , ବିଧବା, ରକ୍ତହୀନ ଇତ୍ୟାଦି ବ୍ୟକ୍ତିଙ୍କୁ ପୋଷଣ କିଟ ଓ କିଶୋରୀମାନଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଥିଲା ୟ ଏହା ବ୍ୟତୀତ ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ-ଉଦ୍ୟାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ପୂର୍ବେ ଆୟୋଜିତ ହୋଇଥିଲା ୟ ଏହାର ଅଂଶ ଭାବେ ୧୮ ଜୁନ ୨୦୨୬ ଅଏସଜିର ଭାରତ ପ୍ରତିନିଧି ଶ୍ରୀ.ଅନୁପ କୁମାର ଦାସ, ମେନଜିଙ୍ଗ ଡାଇରେକ୍ଟୋର, ଇଟିପିଏ ଫାଉଣ୍ଡେସନ୍ର ଡାଇରେକ୍ଟର ଶ୍ରୀ.ସଞ୍ଜୟ କୁମାର ପଣ୍ଡା, ସୌଜନ୍ୟା ସରକାର, ପ୍ରକଳ୍ପ ସଂଯୋଜକ, କେନ୍ଦ୍ରୀୟ କାର୍ଯ୍ୟାଳୟ-ଦିଲ୍ଲୀ , ତେନ୍ତୁଳିଖୁଣ୍ଟି ଟିମ ମଧ୍ୟରେ ପ୍ରକଳ୍ପ ପରିଚାଳକ ନୂତନ ସଗରିଆ, ପ୍ରକଳ୍ପ ସଂଯୋଜକ ସୁଲେଖା ସୁନାଙ୍କ ସହ ସମୁଦାୟ ସଂଗଠକମାନେ ଉପସ୍ଥିତ ଥିଲେୟତେନ୍ତୁଳିଖୁଣ୍ଟି ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଏବଂ ଖଡିଆଗୁଡ଼ା ଗ୍ରାମ ପରିଦର୍ଶନ ହୋଇଥିଲା ୟ ଏଠାରେ କିଶୋରୀ ଝିଅମାନଙ୍କ ସହ, ଗ୍ରାମ୍ୟ କମିଟି ଏବଂ ତଥା ଗ୍ରାମ୍ୟ କଲ୍ୟାଣ କମିଟି ସହ ସଭା ଆୟୋଜିତ ହୋଇଥିଲା ୟ

## ଜଙ୍ଗଲିଆ ଅଞ୍ଚଳରେ ଶବ ବ୍ୟବଚ୍ଛେଦ ଗୃହ

ଖଣ୍ଡପଡ଼ା, ୨୬।୬:(ମନ୍ଥନ)ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବାଇପାସ ରାସ୍ତାରେ ଶବ ବ୍ୟବଚ୍ଛେଦଗୃହ ପରିତ୍ୟକ୍ତ ଅବସ୍ଥାରେ ଥିବାନେଇ ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ଏବଂଭାପୁର ବ୍ଲକ ନିମନ୍ତେ ଉକ୍ତ ଶବ ବ୍ୟବଚ୍ଛେଦ ଗୃହଟି ୩ ବର୍ଷ ହେବ କାର୍ଯ୍ୟକ୍ଷମ ହୋଇଛି । କେନ୍ଦ୍ର ଚାରିପାଖ ଜଙ୍ଗଲର ଭ୍ରମ ସୃଷ୍ଟି ହୋଇଥିବା ବେଳେ ଗୃହଟି ସରୀସୃପ ମାନଙ୍କ ବାସସ୍ଥଳୀ ପାଲଟିଥିବା ସ୍ଥାନୀୟ ବାସିନ୍ଦା କୁହନ୍ତି । ସହର ସାରା ଏନଏସି କର୍ତ୍ତୃପକ୍ଷ ସଫେଇ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ଗୃହ କିନ୍ତୁ ଏଥିରୁ ବାଦ ପଡିଥିବା ଅଞ୍ଚଳବାସିନ୍ଦା କହିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଓ ଏନଏସି କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

## ପୂର୍ତ୍ତବିଭାଗ ରାସ୍ତାରେ ଖାଲ, ହନ୍ତସନ୍ତ ପଥଚାରୀ

ଖଣ୍ଡପଡ଼ା, ୨୬।୬:(ମନ୍ଥନ)ଖଣ୍ଡପଡ଼ାରୁ କଣ୍ଟିଲୋ ସଂଯୋଗ କରୁଥିବା ରାସ୍ତାରେ ଖାଲଖମାଦୁର୍ଦ୍ଦଶା ବଢ଼ାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କଣ୍ଟିଲୋଆଦିକ୍ଷେତ୍ରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଖଳିସାହି ରତନପୁର ସାହି ନିକଟରେ ସିମେଣ୍ଟରାସ୍ତାରେ ଖାଲଖମା ଏବେ ପଥଚାରୀଙ୍କୁ ହନ୍ତସନ୍ତ କଲାଣି । ଉକ୍ତ ଖାଲରେ ବର୍ଷାପାଣି ଜମି ରହିଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ବେଳେ ବାଇକ ଏବଂ ସାଇକେଲ ଆରୋହୀ ଲହୁଲୁହାଣହେଉଛନ୍ତି । ରାସ୍ତା ଦେଇ ମହାନଦୀରୁ ବାଲି ବୋଝେଇ ହାଇୱା ଗୁଡିକ ଚଳାଚଳ କରୁଥିବାରୁ ଏଭଳି ସ୍ଥିତି ଉପୁଜିଥିବା ବେଳେ ପୂର୍ତ୍ତବିଭାଗ ଆଖିବୁଜିଦେଇଥିବା କୁହନ୍ତି ସ୍ଥାନୀୟ ବାସିନ୍ଦା । ରାସ୍ତା ମରାମତି ଦିଗରେ ପୂର୍ତ୍ତବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବିହୋଇଛି ।



## ସରକାରୀ ଜମିରେ ଅବୈଧ ନିର୍ମାଣ ଘଟଣା ଜବର ଦଖଲ ଉଚ୍ଛେଦ କଲା ଜିଲ୍ଲା ପ୍ରଶାସନ

ନବରଙ୍ଗପୁର,୨୬।୬:(ମନ୍ଥନ)ନବରଙ୍ଗପୁର ସହର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଗୋରାମୁଣ୍ଡା ପୋଖରୀ ସମ୍ମୁଖ ସରକାରୀ ଜମି ଜବରଦଖଲ କରିବା ସହ ଅବୈଧ ଷ୍ଟଲ ନିର୍ମାଣ କୁ ଆଜି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଉଚ୍ଛେଦ କରିଛି । ନବରଙ୍ଗପୁର ଅତିରିକ୍ତ ତହସିଲଦାର ଙ୍କ ଉପସ୍ଥିତି ରେ ଉଚ୍ଛେଦ କରାଯାଇଛି । ଜବରଦଖଲ ଉଚ୍ଛେଦ କରିବା ପାଇଁ ୧୨ ନମ୍ବର ୱାର୍ଡ ସାହି ବାସିନ୍ଦା ଙ୍କ ସହ ସହର ଦୁଇ ଗୋଟି କାଉନସିଲର ଓ ସ୍ୱାଭିମାନ ନବରଙ୍ଗପୁର ଦଳ ସହର ର ଗାନ୍ଧୀ ଛକ ଠାରେ ପ୍ରତିବାଦ ସ୍ୱରୂପ ଧାରଣା ଦେଇଥିଲେ । ଏଥି ପୂର୍ବରୁ ଜିଲ୍ଲାପାଳ ଙ୍କ ଦ୍ୱାରସ୍ତ ହୋଇଥିଲେ କାଉନସିଲର ସ୍ଥାନୀୟ ବାସିନ୍ଦା ଓ ସ୍ୱାଭିମାନ ନବରଙ୍ଗପୁର ଦଳ ର ସଭାପତି । ସେଠାରେ କିଛି ବ୍ୟକ୍ତି ଅବୈଧ ଷ୍ଟଲ ନିର୍ମାଣ କରୁଥିବା ନେଇ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଥିଲେ । ୧୨ ନମ୍ବର ୱାର୍ଡ କାଉନସିଲର ଏମ୍. ରାଜେଶ୍ୱରୀ, ୭ ନମ୍ବର ୱାର୍ଡ କାଉନସିଲର ପି. ଉଷାରାଣୀ ରାଓ , ସ୍ୱାଭିମାନ ନବରଙ୍ଗପୁର ଦଳ ସଭାପତି ସୀତେଶ ପଟ୍ଟନାୟକ ଓ ସ୍ଥାନୀୟ ବାସିନ୍ଦା ଏହି ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଅଭିଯୋଗ ଶୁଣିବା ପରେ ନବରଙ୍ଗପୁର ତହସିଲଦାର ଙ୍କୁ ତୁରନ୍ତ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଘଟଣା ସ୍ଥଳରେ ତହସିଲଦାର ଯାଞ୍ଚ କରି ବେଆଇନ୍ ନିର୍ମାଣ କାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ବନ୍ଦ କରିବାକୁ ନୋଟିସ ନମ୍ବର୩୨୫୧-ତା ୧୦/୦୬/୨୦୨୬ଦିନ ଦିଆଯାଇଥିଲା । ହେଲେ ପ୍ରଶାସନ ର ନୋଟିସ କୁ ବେ ଖାତିର କରି ନିର୍ମାଣ କାମ ଚାଲୁଥିଲା ହେଲେ ଆଜି ମାଜିଷ୍ଟ୍ରେଟ ବା ଅତିରିକ୍ତ ତହସିଲଦାର କୃଷ୍ଣ ଗରଡା ଓ ନବରଙ୍ଗପୁର ମୁନସିପାଲିଟି ଅଧିକାରୀ ଓ କର୍ମଚାରୀ ଙ୍କ ଉପସ୍ଥିତି ରେ ଜବର ଦଖଲ ଉଚ୍ଛେଦ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ସେଠାରେ ପୋଲିସ ମୁତୟନ କରାଯାଇଥିଲା ।

## ସାମ୍ବାଦିକଙ୍କୁ ପେନସନ୍ ପ୍ରସଙ୍ଗ : ତିନି ମାସ ଭିତରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

କଟକ/ବ୍ରହ୍ମପୁର,୨୬।୬:(ମନ୍ଥନ) ସାମ୍ବାଦିକଙ୍କୁ ପେନସନ ପ୍ରଦାନ ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସଂଗରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ତିନି ମାସ ସମୟ ପ୍ରଦାନ କରିଛନ୍ତି । ସମସ୍ତ ପ୍ରକାରର ପ୍ରଶାସନିକ ପଦକ୍ଷେପ, ସଂସାଧନ, ଆର୍ଥିକ ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସଂଗକୁ ବିଚାରକୁ ନେଇ ସାମ୍ବଦିକଙ୍କୁ ପେନସନ ପ୍ରଦାନ ସଂକ୍ରାନ୍ତରେ ସରକାର ତିନି ମାସ ଭିତରେ ଉପଯୁକ୍ତ ନିଷ୍ପତି ଗ୍ରହଣ କରିବେ ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସିନିୟର ଜର୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା (ଏସଜେଏଓ) ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଯଦି ଧାର୍ଯ୍ୟ ସମୟସୀମା ଭିତରେ ଏହି ପ୍ରସଂଗରେ ପଦକ୍ଷେପ ନିଆ ନ ଯାଏ ତେବେ ଆବେଦନକାରୀ ସାନି ଅଦାଲତ ଅବମାନନା ମାମଲା ରୁଜୁ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାର ଶୁଣାଣି ସମୟରେ ବରିଷ୍ଠ ସାମ୍ବାଦିକଙ୍କୁ ରାଜ୍ୟରେ ପେନସନ ପ୍ରଦାନ କରାଯାଉ ନଥିବା ପ୍ରସଂଗରେ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ପେନସନ ଯୋଜନାରେ ରାଜ୍ୟର ବରିଷ୍ଠ ସାମ୍ବାଦିକଙ୍କୁ ସାମିଲ ପ୍ରସଂଗରେ ରାଜ୍ୟ ସରକାର ବିଚାରବିମର୍ଶ କରୁଛନ୍ତି । ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ତିନି ମାସ ସମୟ ପ୍ରଦାନ କରାଯାଉ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରତ୍ୟୁଷା ନାଇଡୁ ମାମଲା ପରିଚାଳନା କରୁଥିଲେ ।ବରିଷ୍ଠ ସାମ୍ବାଦିକ ସଂଗଠନ ପକ୍ଷରୁ ଗତ କିଛିଦିନ ଧରି ଲଗାତର ଭାବେ ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ସ୍ୱର ଉତ୍ତୋଳନ ଓ ଉଦ୍ୟମ ଜାରି ରଖିଥିବାରୁ ଓଡ଼ିଶା ସାମ୍ବାଦିକ ସଂଘର ପୂର୍ବତନ ସଭାପତି, ସାଧାରଣ ସମ୍ପାଦକ ରବି ରଥ ସଂଗଠନ ପ୍ରତି କୃତଜ୍ଞତା ଜଣାଇବା ସହ ଏବଂ ଆଶା ପ୍ରକାଶ କରିଛନ୍ତି ଗତ ଚାରି ଦଶନ୍ଧି ଧରି ଓଡ଼ିଶାରେ ସାମ୍ବାଦିକ ପେନସନ ଲାଗୁ କରିବା ପାଇଁ ବିଭିନ୍ନ ସରକାର କହି ଆସିଥିଲେ ମଧ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ । ଇତିମଧ୍ୟରେ ଭାରତ ବର୍ଷର ୧୮ଟି ରାଜ୍ୟରେ ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ ହୋଇଛି । ଭାଜପାର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକଙ୍କୁ ପେନସନ, ସୁରକ୍ଷା ଏବଂ ଅଧିସ୍ୱୀକୃତି କମିଟି ଗଠନ ପାଇଁ ଦେଇଥିବା ପ୍ରତିଶ୍ରୁତି ଖୁବଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ପ୍ରକାଶ କରିଥିଲେ । ଏହା ଖୁବଶୀଘ୍ର ଫଳପ୍ରଦ ହେବ ବୋଲି ଶ୍ରୀ ରଥ ଆଶା ପ୍ରକଟ କରିଛନ୍ତି ।

ଶନିବାର ୨୭, ଜୁନ୍ ୨୦୨୬, ଭୁବନେଶ୍ୱର
Saturday, 27 June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତମାନୋଽପି ସ ଯୋଗୀ ମୟି ବର୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସାମାଜିକ ସଙ୍କଟ

ଓଡିଶାର ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଆଜି ଯେଉଁ ଅଭାବନୀୟ ଓ ସଂଗୀନ ସଙ୍କଟ ଦେଖାଦେଇଛି, ତାହା କେବଳ ଏକ ପ୍ରଶାସନିକ କିମ୍ବା ବେସରକାରୀ ତ୍ରୁଟି ନୁହେଁ, ବରଂ ଏକ ଚରମ ମାନବୀୟ ସଙ୍କଟ ଏବଂ ସାମାଜିକ ବ୍ୟବସ୍ଥାର ମୂଳଦୁଆ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ଗଣତାନ୍ତ୍ରିକ ଏବଂ କଲ୍ୟାଣକାରୀ ସରକାରର ମୌଳିକ ଦାୟିତ୍ୱ ଓ ପରମ କର୍ତବ୍ୟ ହେଉଛି ସମାଜର ସବୁଠାରୁ ନିମ୍ନ ସ୍ତରରେ, ଅର୍ଥାତ ଶେଷ ଧାଡିରେ ଠିଆ ହୋଇଥିବା ଅସହାୟ, ଦରିଦ୍ର, ବୃଦ୍ଧବୃଦ୍ଧା, ଅନାଥ, ବିଧବା ଏବଂ ଭିନ୍ନକ୍ଷମମାନଙ୍କୁ ସର୍ବନିମ୍ନ ସୁରକ୍ଷା ଓ ବଂଚିବାର ଅଧିକାର ପ୍ରଦାନ କରିବା, ମାତ୍ର ଓଡିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ଯେଉଁଠାରେ ଲକ୍ଷ ଲକ୍ଷ ପରିବାର କେବଳ ଏବଂ କେବଳ ସରକାରୀ ଆର୍ଥିକ ସହାୟତା ଉପରେ ନିର୍ଭର କରି ନିଜର ଦାନା କାନି ତଥା ଦୈନନ୍ଦିନ ଗୁଜୁରାଣ ମେଂଟାଇଥାନ୍ତି, ସେଠାରେ ଗତ ତିନି ମାସ ଧରି 'ମଧୁବାବୁ ପେନସନ ଯୋଜନା' ସମେତ ବିଭିନ୍ନ ସାମାଜିକ ନିରାପତା ଭତା ହଠାତ ବନ୍ଦ ହୋଇଯିବା ଫଳରେ ସାରା ରାଜ୍ୟରେ ଏକ କରୁଣ ଓ ଯାତନାଦାୟକ ପରିବେଶ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଯଦି ଆମେ ଏକ ବଡ ସାମାଜିକ ତୁଳନାତ୍ମକ ପ୍ରଶ୍ନ ଉଠାଇବା ଯେ, ଯେଉଁଭଳି ଭାବରେ ଗରିବ ଏବଂ ଅସହାୟ ଲୋକଙ୍କର ମାସିକ କେଇଶହ ଟଙ୍କାର ଭତାକୁ ମାସ ମାସ ଧରି ଅଟକାଇ ରଖାଯାଇଛି, ଠିକ ସେହିପରି ଯଦି ସାରା ଜୀବନ ସରକାରୀ ବ୍ୟବସ୍ଥାରେ କାର୍ଯ୍ୟ କରି ଅବସର ନେଇଥିବା ଉଚ୍ଚପଦସ୍ଥ କର୍ମଚାରୀ କିମ୍ବା ମଧ୍ୟମ ଶ୍ରେଣୀର ଚାକିରିଆମାନଙ୍କର ମାସିକ ପେନସନ କୌଣସି ପ୍ରଶାସନିକ କାରଣରୁ ତିନି ମାସ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇଟାଏ, ତେବେ ସେମାନଙ୍କ ମନରେ ଏବଂ ସମଗ୍ର ବ୍ୟବସ୍ଥାରେ କିଭଳି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବ ଏବଂ ସେମାନେ କିପରି ଅନୁଭବ କରିବେ, ତାହା କଳ୍ପନା କଲେ ସାମଜିକ ବୈଷମ୍ୟର ପ୍ରକୃତ ଓ ନଗ୍ନ ରୂପ ସାମ୍ନାକୁ ଆସିଥାଏ। ବାସ୍ତବରେ ଓଡିଶାର ଗ୍ରାମାଚଂଳ ଓ ଦୁର୍ଗମ ଅଂଚଳରେ ରହୁଥିବା ଜଣେ ଅସହାୟ ବୟୋବୃଦ୍ଧ ବ୍ୟକ୍ତି, ଶାରୀରିକ ବା ମାନସିକ ଭାବେ ଅକ୍ଷମ ଜଣେ ଭିନ୍ନକ୍ଷମ କିମ୍ବା ସ୍ୱାମୀଙ୍କୁ ହରାଇ ସମାଜରେ ଏକାକୀ ସଂଘର୍ଷ କରୁଥିବା ଜଣେ ନିରାଶ୍ରୟ ବିଧବା ମହିଳାଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଏହି ମାସିକ ଭତା କୌଣସି ବିଳାସିତା ବା ଅତିରିକ୍ତ ଆନନ୍ଦର ଉତ୍ସ ନୁହେଁ ବରଂ ଏହା ସେମାନଙ୍କ ପାଇଁ ଦୁଇ ଓଳି ମୁଠେ ସାଧାରଣ ଭାତ ଖାଇବା, ବାର୍ଦ୍ଧକ୍ୟ ଜନିତ ରୋଗରୁ ମୁକ୍ତି ପାଇଁ କିଛି ଜରୁରୀ ଔଷଧ କିଣିବା ଏବଂ ନିଜର ଶରୀରକୁ ଆଜୀବନ କରିବା ପାଇଁ ଖଣ୍ଡେ ଲୁଗା ଯୋଗାଡ କରିବାର ଏକମାତ୍ର ଜୀବନ ରକ୍ଷାକାରୀ ସାହାରା ଅଟେ। ଗତ ତିନି ମାସ ହେବ ପ୍ରଶାସନର ଚରମ ଉଦାସୀନତା କିମ୍ବା ବ୍ୟବସ୍ଥାର କୌଣସି ଯାନ୍ତ୍ରିକ ତ୍ରୁଟି ହେତୁ ଏହି ଅର୍ଥ ମିଳିନଥିବା ଯୋଗୁଁ ଆଜି ହଜାର ହଜାର ଗରିବ ପରିବାର ଓଳିଏ ଖାଇ ଓଳିଏ ଉପାସ ରହୁଛନ୍ତି, ଅନେକ ବୃଦ୍ଧବୃଦ୍ଧା ଟଙ୍କା ଅଭାବରୁ ନିଜର ନିୟମିତ ଔଷଧ କିଣି ନପାରି ଶଯ୍ୟାଶାୟୀ ହୋଇ ମରଣ ସହ ପଞ୍ଝା ଲଢୁଛନ୍ତି ଏଂବ ବୟସର ଅପରାହ୍ନରେ ପହଂଚିଥିବା ଏହି ଅସହାୟ ମଣିଷମାନେ ପ୍ରତି ମାସରେ ଖରା, ବର୍ଷା ଓ ଶୀତକୁ ଖାତିର ନକରି ପଂଚାୟତ କାର୍ଯ୍ୟାଳୟ, ବ୍ଲକ ଅଫିସ କିମ୍ବା ବ୍ୟାଙ୍କ ସମ୍ମୁଖରେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଲମ୍ବା ଲାଇନ ଲଗାଇ ଶେଷରେ ଶୂନ୍ୟ ହାତରେ ଓ ନିରାଶ ମନରେ ନିଜ ଘରକୁ ଫେରୁଛନ୍ତି, ଯେଉଁଠି ସେମାନଙ୍କ ଆଖିରୁ ଝରି ପଡୁଥିବା ଅଶ୍ରୁର ଏବଂ ମନର କୋହ ଆଜି ପ୍ରଶାସନକି ସ୍ଥାଣୁତାର ଏକ ଜ୍ୱଳନ୍ତ ମୂକ ସାକ୍ଷୀ ସାଜିଛି। ଯଦି ଆମେ ଏହି କଠୋର ସତ୍ୟ ସହ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ଥିତିକୁ କଳ୍ପନାତ୍ମକ ଭାବେ ତୁଳନା କରିବା, ତେବେ ଦେଖାଯିବ ଯେ ଜଣେ ସରକାରୀ ଚାକିରିଆ ନିଜର ସାରା ଜୀବନର ସେବା ଓ ପରିଶ୍ରମ ପରେ ଏହି ଆଶାରେ ଥାଆନ୍ତି ଯେ ବୃଦ୍ଧାବସ୍ଥାରେ ସେମାନଙ୍କୁ ମିଳୁଥିବା ମାସିକ ପେନ୍‌ସନ୍ ଅର୍ଥ ସେମାନଙ୍କୁ ସମାଜରେ ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନ ପ୍ରଦାନ କରିବ, ମାତ୍ର ଯଦି ସରକାର ସେମାନଙ୍କ ପେନ୍‌ସନ୍‌କୁ ତିନି ମାସ ପାଇଁ ଅଟକାଇ ଦିଅନ୍ତି, ତେବେ ସର୍ବପ୍ରଥମେ ସେମାନଙ୍କ ମାନସିକ ଶାନ୍ତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟାସ୍ତ ହୋଇଯିବ, ସେମାନେ ନିଜକୁ ଗଭୀର ଆର୍ଥିକ ଅସୁରକ୍ଷିତତା ମଧ୍ୟକୁ ଠେଲି ହୋଇଯାଇଥିବା ଅନୁଭବ କରିବେ ଏବଂ ସାରା ଜୀବନ ଯେଉଁ ବ୍ୟବସ୍ଥାର ଚାବି କାଠି ଧରି ସେମାନେ ଶାସନ ଗାଡି ଚଳାଉଥିଲେ, ହଠାତ ସେହି ବ୍ୟବସ୍ଥା ଦ୍ୱାରା ନିଜକୁ ପ୍ରତାରିତ ଓ ଅପମାନିତ ମନେ କରିବେ। କେବଳ ସେତିକି ନୁହେଁ, ଆମର ବର୍ତମାନର ସାମାଜିକ ଏବଂ ପାରିବାରିକ ଚିତ୍ରକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡେ ଯେ ଅନେକ ସମୟରେ ବୃଦ୍ଧ ପିତାମାତାଙ୍କୁ ପରିବାରରେ ଯେଉଁ ସମ୍ମାନ, ସ୍ନେହ ଓ ଶ୍ରଦ୍ଧା ମିଳିଥାଏ, ତାହା ପଛରେ ସେମାନଙ୍କ ଆର୍ଥିକ ସ୍ଥିରତା ବା ପେନସନର ଏକ ବଡ ଗୁପ୍ତ ଭୂମିକା ଥାଏ, ତେଣୁ ପେନସନ ବନ୍ଦ ହେବା ମାତ୍ରେ ସେହି ସ୍ୱାଭିମାନୀ ବୃଦ୍ଧମାନେ ନିଜ ନିଜ ପରିବାରରେ କାଳକ୍ରମେ ଏକ ବୋଝ ସଦୃଶ ହୋଇଯିବାର ଆଶଙ୍କା ଦେଖାଦେବ, ଯେଉଁଠି ଦୈନନ୍ଦିନ ଖର୍ଚ୍ଚ, ଘର ଭଡା ଏବଂ ମେଡିକାଲ ଖର୍ଚ୍ଚ ପାଇଁ ସେମାନଙ୍କୁ ନିଜ ପିଲାମାନଙ୍କ ଆଗରେ ବାଧ୍ୟ ହୋଇ ହାତ ପାତିବାକୁ ପଡିବ, ଯାହା ଜଣେ ସ୍ୱାଭିମାନୀ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ମରଣାନ୍ତକ ଯାତନାଠାରୁ ମଧ୍ୟ ଅଧିକ କଷ୍ଟଦାୟକ ହୋଇଥାଏ। ଏହା ସହିତ ଯଦି ସରକାରୀ କର୍ମଚାରୀଙ୍କ ପେନସନରେ ବି ବିଳମ୍ବ ହୁଏ, ତେବେ ରାଜ୍ୟର ବିଭିନ୍ନ ପ୍ରଭାବଶାଳୀ କର୍ମଚାରୀ ସଂଘ ତତ୍କାଳ ସଂଗଠିତ ହୋଇ ରାଜନୀତିକୁ ଓହ୍ଲାଇ ଆସିବେ, ହାତରେ କଳା ବ୍ୟାଜ୍ ପିନ୍ଧିବା, ସଚିବାଳୟ କିମ୍ବା ବିଧାନସଭା ସମ୍ମୁଖରେ ଗର୍ଜନ କରି ଧାରଣା ଦେବା ଏବଂ ସମଗ୍ର ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସରକାରଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଶାସନ କଳକୁ ସ୍ଥାଣୁ କରିଦେବା ନିଶ୍ଚିତ ହୋଇଯିବ, କାରଣ ସେମାନଙ୍କ ପାଖରେ ଶିକ୍ଷା ଅଛି, ଅଧିକାର ମାଗିବାର ସ୍ୱର ଅଛି, ବଡ ସଂଗଠନ ଅଛି ଏବଂ ଆବଶ୍ୟକୀୟ ସଂସାଧନ ମଧ୍ୟ ପ୍ରଚୁର ପରିମାଣରେ ରହିଛି। ମାତ୍ର ଏହି ପରିପ୍ରେକ୍ଷୀରେ ହିଁ ସମାଜର ସବୁଠାରୁ ବଡ ଏବଂ କ୍ରୁର ବୈଷମ୍ୟ ପଦାରେ ପଡିଥାଏ, କାରଣ ସକ୍ଷମ ସରକାରୀ କର୍ମଚାରୀ କିମ୍ବା ପେନସନ ଭୋଗୀଙ୍କ ପାଖରେ ନିଜର ଅଧିକାର ସାବ୍ୟସ୍ତ କରିବା ସଂଘ ଓ ଶକ୍ତି ଥିବାବେଳେ ଓଡିଶାର କୌଣସି ଜଣେ ଦରିଦ୍ର ବୃଦ୍ଧି, ଅସହାୟ ବିଧବା କିମ୍ବା ଶାରୀରିକ ଅକ୍ଷମ ଭିନ୍ନକ୍ଷମଙ୍କ ପାଖରେ କୌଣସି ନିଜସ୍ୱ ସଂଗଠନ ନାହିଁ, ସେମାନେ ନିଜର ଭୋକିଲା ପେଟକୁ ଧରି ରାଜପଥ ଅବରୋଧ କରି ଗାଡି ମୋଟର ବନ୍ଦ କରିପାରିବେ ନାହିଁ କି ପ୍ରେସ କ୍ଲବରେ ବସି ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କୁ ଚେତାବନୀ ଦେଇପାରିବେ ନାହିଁ, ତେଣୁ ସେମାନଙ୍କ କୋହ ଓ ଆକ୍ରୋଶ କେବଳ ପଂଚାୟତ ଅଫିସର ଶୀତଳ କାନ୍ଥ ଏବଂ ବାରଣ୍ଡାର ଶୂନ୍ୟତାରେ ମିଶି ଅତି ନିସ୍ତବ୍ଧ ଭାବେ ରହିଯାଏ।

# ବୌଦ୍ଧିକ ବିକାଶ : ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ

ଡକ୍ଟର ସୁରେଶ କୁମାର ନାୟକ

ମନୁଷ୍ୟ ଜନ୍ମ ଅତ୍ୟନ୍ତ ଦୁର୍ଲଭ ଜଗତରୁ ଶଙ୍କରାଚାର୍ଯ୍ୟ ତାଙ୍କର 'ବିବେକ ଚୂଡ଼ାମଣି'ରେ ଲେଖିଛନ୍ତି "ଦୁର୍ଲଭଂତ୍ରୟମେ- ବୈତତ୍ ଦୈବାନୁ ଗ୍ରହ ତ୍ରେତୁକଂ, ମନୁଷ୍ୟତ୍ୱଂ ମୁ ମୁକ୍ଷତ୍ୱଂ ମହାପୁରୁଷ ସଂଶ୍ରୟଃ" ଅର୍ଥାତ ମନୁଷ୍ୟର ଜନ୍ମଲାଭ, ମୁକ୍ତି ଲାଭ ପାଇଁ ତିବ୍ରଇଚ୍ଛା ଏବଂ ମହାପୁରୁଷ ବା ସଦ୍‌ଗୁରୁଙ୍କର ଆଶ୍ରୟ ଏହି ତିନି ଗୋଟି ଅତ୍ୟନ୍ତ ଦୁର୍ଲଭ। କେବଳ ଈଶ୍ୱରଙ୍କର ଅନୁଗ୍ରହ ହେଲେ ଏହା ସମ୍ଭବ । ଜୀବ ବିଭିନ୍ନ ଶରୀର ଧାରଣ କରି ପରିଶେଷରେ ଯେତେବେଳେ ମନୁଷ୍ୟ ଶରୀର ଧାରଣକରେ ସେତେବେଳେ ତାକୁ ମୋକ୍ଷପ୍ରାପ୍ତି ଲାଗି ସାଧନା କରିବାର ସୁଯୋଗ ମିଳିଥାଏ। କିନ୍ତୁ ମଣିଷ ତାର ପ୍ରାରବ୍ଧକୁ ସାଥିରେ ନେଇ ଆସିଥାଏ। ପ୍ରାରବ୍ଧର କର୍ମ ତାକୁ ମନୁଷ୍ୟ ଜୀବନରେ ଭୋଗ କରିବାକୁ ପଡ଼ିଥାଏ। ନିୟତୀର କାଳ ଚକ୍ରରେ ସମୟର ଗତୀରେ ଯେଉଁ ମଣିଷ ଆତ୍ମ ସ କୁ ହରାଇ ବସେ କାରଣ ସେତେବେଳକୁ, ସେହି ମଣିଷର ସମୟ ଅତିକ୍ରାନ୍ତ କରି ତା ଜୀବନରେ ନେଡ଼ିଗୁଡ଼ କହୁଣୀକୁ ବୋହିସାରିଥାଏ । କିନ୍ତୁ ଥରେ ମଣିଷ ତାର ସତପଥରୁ ପଥଭ୍ରଷ୍ଟ ହୋଇଗଲାପରେ ଈଶ୍ୱରୀୟ ସ କୁ ଭୁଲିଯାଇଥାଏ। ଆସୁରୀକ ଶକ୍ତି ତାକୁ ଗ୍ରାସ କରିସାରିଥାଏ । ଏହା ଫଳରେ ସେହି ମଣିଷ ଭଲମନ୍ଦର କଥାକୁ ଭୁଲିଯାଇଥାଏ । ବାସ୍ତବ ସତ୍ୟଠାରୁ ବହୁ ଦୂରକୁ ଚାଲିଯାଇଥାଏ । ଥରେ ଅନ୍ୟର କାୟା ଓ ମାୟା ଯେଉଁ ମଣିଷକୁ କବଳିତ କରିଥାଏ। ସେହି ମଣିଷ ନିଜର ଧୀଶକ୍ତି ଓ ସାମର୍ଥ୍ୟ ହରାଇ ବସିଥାଏ । ସେଇ ମଣିଷ ଛଦ୍ମବେଶୀ ମଣିଷର ଅକ୍ଟୋପାସ ରୂପି ସ୍ୱାର୍ଥ, ମନ୍ଦ ଅଭିଳାସ ଓ କାମନା ର କ୍ୱଳାରୁ ନିଜକୁ କେବେ ବି ମୁକ୍ତ କରିପାରେନା । ସେହି ଅଜ୍ଞାନୀ ମଣିଷ ଗର୍ବ ଓ ଅହଂକାରର ଭଉଁରୀ ଭିତରୁ ନିଜର ଭୁଲ ଓ ତ୍ରୁଟିକୁ କଦାପି ସ୍ୱୀକାର କରିପାରେ ନାହିଁ । ସେହି ମଣିଷ ନିଜର ସ୍ୱଭାବ ଜନିତ ତାର ଉପକାରୀ ମଣିଷ ପ୍ରତି ନିଜର କୃତଜ୍ଞତା କେବେବି ପ୍ରକାଶ କରି ପାରିନଥାଏ । ଥରେ ସେହି ମଣିଷ ନିଜର ସ୍ଥିତିକୁ ହରାଇ ବସିବା ପରେ ଯେତେ ଚେଷ୍ଟା କଲେବି କେବେବି ତାର ପୂର୍ବ ସ୍ଥିତିକୁ କଦାପି ଫେରିଆସି ପାରେ ନାହିଁ। ସେହି ମଣିଷ ଜୀବନ ସାରା ଅନ୍ୟ ସ୍ୱାର୍ଥରୂପି ମଣିଷର ଆୟ ରେ ରହି ନିଜର ଅଜାଣତରେ ଅନ୍ୟର ଚାବିଦିଆ କଣ୍ଢେଇଟିଏ ପାଲଟି ଯାଇ ନିଜର ସ୍ଥିତିକୁ ଦୁର୍ବଳ କରିଦେଇଥାଏ। ସେହି ମଣିଷର ଜୀବନ ମୋହଗ୍ରସ୍ତ ହୋଇ ପଡ଼ିଥାଏ । ଅନ୍ୟ ମଣିଷର ଇସାରାରେ ନାଚିବାକୁ ଲାଗିଥାଏ । ସେହି ମଣିଷର ଜୀବନରେ ନିଜର ପ୍ରାରବ୍ଧର କର୍ମ, ବଂଶଗତ ସଂଚରଣ, ପୃଥକୀକରଣ ପରିବେଶ, ନିଜର ଲୁପ୍ତଗୁପ୍ତର ଆଭ୍ୟନ୍ତରୀଣ କାର୍ଯ୍ୟଧାରା, ନିଜର ଅସ୍ଥିରତା ଓ ଦଦୁଲ୍ୟମାନ ସ୍ଥିତି ଓ ଆହୁରୀ ଅନେକ କାରଣ ଯୋଗୁଁ ସେହି ମଣିଷ ତା ନିଜର ଅସ୍ତିତ୍ୱକୁ ଭୁଲିଯାଇ ଥାଏ। ଏହିପରି ମଣିଷମାନେ ଡିମିରେ ଡିମିରେ ଆଗକୁ ପାଦ ବଢ଼ାଇଥାନ୍ତି। ସେମାନଙ୍କ ଲାଗି ଚେନାଏ ଆଲୋକର ଧାରା ଅସହ୍ୟ ହୋଇ ପଡ଼ିଥାଏ ।

ସେହି ମଣିଷ ଚାହିଁ କରି ମଧ୍ୟ ମୁକ୍ତ ଭାବେ ନିଜର ଭାବ ଓ ଭାବନାକୁ ସ୍ପଷ୍ଟ ଭାବେ ପ୍ରକାଶ କରିପାରି ନଥାଏ। ଏହିପରି ମଣିଷମାନେ ସଦାସର୍ବଦା ସତ୍ୟର ଅପଳାପ କରି ଆସିଥାନ୍ତି । ଏହି ପରି ମଣିଷମାନେ ନିଜ ପାଇଁ ନିଷ୍ପ ି ମଧ୍ୟ ଦୃଢ଼ ଭାବେ ଗ୍ରହଣ କରି ପାରିନଥାନ୍ତି। ସଦାସର୍ବଦା ନିର୍ଭରଶୀଳ ହୋଇଥାନ୍ତି । ଏହି ପରି ମଣିଷମାନେ ଆଲୋକ ଠାରୁ ଅନ୍ଧକାରର ଅନୁଭବକୁ ବେଶ ଭଲ ପାଇଥାନ୍ତି । ଏହି ପରି ମଣିଷ ନିଜର ଶୂନ୍ୟତାକୁ କେବେବି ଅନୁଭବ କରିପାରିନଥାନ୍ତି । ସେହି ମଣିଷମାନେ ନିଜର ଏକାକିତ୍ୱ ମୁହୂ ର୍ତକୁ ବେଶ ଉପଭୋଗ କରିବାକୁ ଖୁବ୍ ଭଲ ପାଇଥାନ୍ତି। ଯେଉଁ ମଣିଷ ଥରେ ଛଦ୍ମମନା ମଣିଷର ମିଛ ମୋହ ମାୟା ସମ୍ପର୍କର ମାୟା ଜାଳରେ ଛନ୍ଦି ହୋଇ ଯାଇଥାଏ, ସେହିପରି ମଣିଷମାନଙ୍କ ନିକଟରେ ସମ୍ପର୍କର ସଂଜ୍ଞା ମୂଲ୍ୟହୀନ ହୋଇ ପଡ଼ିଥାଏ । ସମ୍ପର୍କୀୟମାନେ ତାଙ୍କ ପାଇଁ କାକ୍‌ଟସ୍ ସଦୃଶ ପ୍ରତୀୟମାନ ହୋଇଥାନ୍ତି। ଏହି ପରି ମଣିଷମାନେ ନିଜର ସିଦ୍ଧି ଓ ସାଧନା ବଳରେ ନିଜ ହାତରେ ଗଢ଼ିଥିବା ଅମୃତମୟ ସଦୃଶ ସୌଧଟି ତାସଘର ପରି ଭାଙ୍ଗୀ ଚୁରମାର ହୋଇ ଯାଉଥିଲେ ବି ସେମାନଙ୍କ ଉପରେ କୌଣସି ପ୍ରଭାବ ପଡ଼େ ନାହିଁ କି ସେମାନଙ୍କ ମନରେ କୌଣସି ଭାବାନ୍ତର ସୃଷ୍ଟି ହୋଇପାରି ନଥାଏ । ଆତ୍ମୀୟ ସ୍ୱଜନମାନେ ବାୟା ଚଢ଼େଇର ବସା ପରି ଦୋହଲିବାର ଦୃଶ୍ୟ ସେମାନଙ୍କ ମନ ଓ ହୃଦୟକୁ କେବେ ବି ବିଚଳିତ କରିପାରିନଥାଏ । ସେହି ମଣିଷ ତାର ଅଜ୍ଞାତରେ ଗର୍ବ ଓ ଅହଂକାରର ଅନ୍ଧ ଗଳୀରେ ନିଜକୁ ହଜାଇ ଦେଇଥାନ୍ତି । ସେହି ମଣିଷମାନଙ୍କ ପାଇଁ ଆଲୋକର ଧାରା ସାତ ସପନ ହୋଇ ପଡ଼ିଥାଏ । ସେହି ମଣିଷ ମାନେ ମଣିଷ ରୂପି ଅକ୍ଟୋପସସ କବଳରୁ ନିଜକୁ ମୁକ୍ତ କରିବା ଯେତିକି କଷ୍ଟକର ହୋଇ ପଡ଼ିଥାଏ, ତାଠାରୁ ଅଧିକ ଯନ୍ତ୍ରଣା ଦାୟକ ମଧ୍ୟ ହୋଇଥାଏ ।

ଏହିପରି ମଣିଷମାନେ ସଦା ଭଗବତ୍ ଚିନ୍ତା ସଦ୍‌ଗୁରୁ ଆଶ୍ରୟଚିନ୍ତା କରିବା ଉଚିତ । ମଣିଷ ଜୀବନ ଦୁର୍ଲଭ ଜୀବନ । ମଣିଷ କେବଳ ଈଶ୍ୱର ଚିନ୍ତନ ଦ୍ୱାରା ହିଁ ମୁକ୍ତିର ବାଟ ପାଇ ପାରିଥାଏ । ଐଶ୍ୱରୀକ ଶକ୍ତି ଦ୍ୱାରା ହିଁ ମଣିଷ ନିଜର ମନୁଷ୍ୟ ଜୀବନକୁ ସଫଳ କରିପାରିଥାଏ ।

ବରିଷ୍ଠ ସାମ୍ବାଦିକ
ଭୁବନେଶ୍ୱର

# ଅଦ୍‌ଭୁତ ଦୁର୍ବଳତା : ଷ୍ଟକହୋମ ସିଣ୍ଡ୍ରୋମ୍

ପ୍ରଫେସର ଡାକ୍ତର ସମ୍ରାଟ କର

କଥାରେ ଅଛି ଅଚିହ୍ନା ବା ଅଜଣା ଲୋକଟି ସହ ଜଣେ ସାଥି ହୋଇ ଚାଲିଲେ ସମ୍ପର୍କ ବଢ଼ିଥାଏ। କିନ୍ତୁ ଏକ ଅଦ୍ଭୁତ ଓ ବିଚିତ୍ର ଅନୁରାଗ କୁହାଯାଇପାରେ ଅପହଣ ବା ଅତ୍ୟାଚାରର ଶିକାର ହୋଇବି ପୀଡ଼ିତ ମାନଙ୍କ ଭିତରେ ଅପରାଧୀମାନଙ୍କ ପାଇଁ ଦୁର୍ବଳତା ବା ଶ୍ରଦ୍ଧା ସୃଷ୍ଟି ହୋଇଥାଏ। ତେବେ ଏହି ଷ୍ଟକ୍‌ହୋମ ସିଣ୍ଡ୍ରୋମ୍‌ଟି କ'ଣ? ୧୯୭୩ ଅଗଷ୍ଟ ୨୩ ତାରିଖ ସ୍ୱିଡ଼େନ ପାଇଁ ଏକ ସ୍ମରଣୀୟ ଦିବସ ହୋଇ ରହିବ। ତେବେ ଅଗଷ୍ଟ ୨୩ରେ ଏହି ଷ୍ଟକ୍‌ହୋମର ଏକ ବ୍ୟାଙ୍କ ଭିତରେ କିଛି ଅପରାଧୀ ପଶିଯାଇଥିଲେ। ଆତଙ୍କର ପରିବେଶ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ସେମାନେ କିଛି ଲୋକଙ୍କୁ ପଣବନ୍ଦୀ ବି କରିଥିଲେ। ପାଞ୍ଚଦିନ ପରେ କିନ୍ତୁ ସେ ଉଦ୍ଧାର ହୋଇଥିବା ପଣବନ୍ଦୀମାନେ ମୁକ୍ତ ହେବାପରେ ସେମାନଙ୍କୁ ପଣବନ୍ଦୀ କରିଥିବା ଲୋକଟି ବିରୋଧରେ କିଛି କହିବାପାଇଁ ମନା କରିଥିଲେ। ଏପରିକି ସାମ୍ବାଦିକମାନଙ୍କୁ ସୂଚନା ଦେଲାବେଳେ ଅପରାଧୀଙ୍କ ସପକ୍ଷରେ ବହୁତ କିଛି କହିଥିଲେ। ତେବେ ପଣବନ୍ଦୀଙ୍କର ବନ୍ଧକଙ୍କ ପ୍ରତି ଥିବା ସହାନୁଭୂତି ଓ ଭଲପାଇବା ଦେଖି ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ। ଏହା କାହାପାଇଁ ଏକ ମାମୁଲି କଥା ହୋଇପାରେ ସତ କିନ୍ତୁ ଏହି ଘଟଣା ପରେ ଜଣେ ଖ୍ୟାତିସମ୍ପନ୍ନ ଅପରାଧ ବିଜ୍ଞାନୀ ଓ ମନୋବ୍ୟାଧି ଚିକିତ୍ସକ ନିଲସ୍ ବେଜେରଟ୍ ଏହି ବିଚିତ୍ର ମାନସିକତାକୁ ଷ୍ଟକହୋମ ସିଣ୍ଡ୍ରୋମ ବୋଲି ନାମିତ କରିଥିଲେ। ୧୯୩୩ରେ ଆମେରିକାର ମେରୀ ନାମକ ଜଣେ ଝିଅକୁ ଅପହୃତାମାନେ ନେଇଯାଇଥିଲେ। ସେମାନେ ବିନିମୟରେ ଅର୍ଥ ଚାହିଁଥିଲେ। ତେବେ ସେମାନେ ଧରାପଡ଼ିବା ପରେ କଠୋର ଦଣ୍ଡ ପାଇଥିଲେ ମାତ୍ର ନ୍ୟାୟାଳୟରେ ଏହି ଦଣ୍ଡବିଧାନକୁ ବିରୋଧ କରିଥିଲେ ମେରୀ। ପରେ ମେରୀଙ୍କ ମାନସିକତାରୁ ଏହା ଏପରି ପ୍ରଭାବ ପକାଇଥିଲା ଯେ ସେ ଘର ସଂସାର କରିନଥିଲେ। ରୋଗଗ୍ରସ୍ତ ହୋଇ ୧୯୪୦ରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଇଏ ହେଉଛି ଭାତ ହାଣ୍ଡିରୁ ଗୋଟିଏ ଗୋଟିଏ ପରି। ସାଧାରଣତଃ ଅପହୃତାଙ୍କ ଦ୍ୱାରା ଅତ୍ୟାଚାରିତ ନ ହୋଇଥିଲେ ଯେଉଁ ମାନସିକତା ବା ଦୁର୍ବଳତା ସୃଷ୍ଟି ହୁଏ ତାହାକୁ ଷ୍ଟକହୋମ ସିଣ୍ଡ୍ରୋମ କୁହାଯାଏ। ଯେତେବେଳେ ଅପହରଣ ହୋଇଥିବା ବ୍ୟକ୍ତି ଅନୁଭବ କରନ୍ତି ଯେ ତାଙ୍କ ଘର ପରିବାର ଠାରୁ ଅପହରଣ କରିଥିବା ଲୋକଟିର ତାହା ପ୍ରତି କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ବରଂ କିଛି ସାମଗ୍ରୀକ ଭାବରେ ବା ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଦାବି ପୂରଣ ପାଇଁ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ତେବେ ଅପହରଣକାରୀ ମାନଙ୍କ ପାଇଁ ସମବେଦନା ତଥା ସକରାତ୍ମକ ମନୋଭାବ ସୃଷ୍ଟି ହୋଇଥାଏ। କାରଣ ସେମାନେ ଅପହରଣକାରୀଙ୍କ ଦ୍ୱାରା ଏପରି ଭାବରେ ଓ ଏତେ ଗଭୀର ପ୍ରସଙ୍ଗ ପ୍ରଭାବିତ ହୋଇଯାଇଥାନ୍ତି ଯେ ଭାବନ୍ତି ଯେପରି କ୍ଷେତ୍ରରେ ଯେକେହି ଥିଲେ ବି ଏପରି ହିଁ କରିଥାନ୍ତା। ତେବେ ଅପହୃତାମାନେ ଅପହୃତ ହୋଇଥିବା ଲୋକଙ୍କର କୌଣସି କ୍ଷତି ନପହଞ୍ଚାଇ ଥିଲେ ସେମାନେ ସ୍ୱାଭାବିକ ଭାବରେ ଅପହରଣକାରୀଙ୍କ ପାଇଁ ବରଂ ନିଜ ଦୁର୍ବଳତା ପ୍ରକଟ କରିଥାନ୍ତି। ଜଣେ କୌଣସି ଅତ୍ୟାଚାରର ଶିକାର ହୋଇଥିଲେ ଏଭଳି ସକରାତ୍ମକ ଭାବନା ସୃଷ୍ଟି ହେବା କମ୍। ମଣିଷର ମନ ଏଭଳି ଯେ ଯଦି ଯେ କୌଣସି ଅଜଣା ବ୍ୟକ୍ତିଙ୍କ ସହ କିଛି ସମୟ ବିତାଏ ସେ ବ୍ୟକ୍ତି ସହ ତା ସମ୍ପର୍କ ଗଢ଼ିଉଠେ। ତେବେ କେତେକ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। କାରଣ ସମସ୍ତଙ୍କର ଭାବନା ଓ ବ୍ୟବହାରିକ ଦୁର୍ବଳତା ସବୁବେଳ ସବୁଦିନ ପାଇଁ ରହିନପାରେ। ତେଣୁ ଏହାର ଶିକାର ହୋଇଥିବା ଲୋକ ବା ପିଲାଟିକୁ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଆବଶ୍ୟକ। ଅନେକ ସମୟରେ କେବଳ ବିଦେଶରେ ନୁହେଁ ଆମ ଭାରତ ଏପରିକି ଓଡ଼ିଶାରେ ଅନେକ ଘଟଣା ଘଟିଥାଏ। ବୃତ୍ତିଗତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ଅନେକ ଚରିତ୍ର ଆମେ ଦେଖୁଛୁ। ତେବେ ଏହାକୁ ନେଇ କୌଣସି ଭୟଭୀତ ହେବାର କାରଣ ନାହିଁ ବରଂ ଡାକ୍ତରଙ୍କ ପରାମର୍ଶରେ ସବୁକିଛି ଠିକ୍ ଠାକ ହୋଇଯାଏ।

ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ,
ପୁରୀଘାଟରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଆଦେଶ, ଉପଦେଶ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ରାଜା ଆଦେଶରେ ବାଘ ବକରୀ ଏକ ଘାଟରେ ପାଣି ପିଅନ୍ତି। ଗୁରୁଜନଙ୍କ ଆକଟ ପିଲାକାଳରେ ସବୁ ଘରେ ରହି ଆସୁଛି। ଶିକ୍ଷକ ଅନେକ ସୋପାନରେ ଅଛନ୍ତି। ପ୍ରାଥମିକ ଶିକ୍ଷାର ଶିକ୍ଷକମାନେ ଶିଶୁମାନଙ୍କର ଚପଳାମୀ କାଳରେ କିଛି ଭୟ ଦେଖାଇ ଖେଳ କୌତକୁ କଥା କହି ବର୍ଣ୍ଣମାଳା ସଂଖ୍ୟା ଶିକ୍ଷା କରନ୍ତି, ପର ପର ଯୁକ୍ତାକ୍ଷର ମିଶାଣ, ଫେଡ଼ାଣ, ଗୁଣନ, ହରଣ ଶିକ୍ଷା ଦିଅନ୍ତି। ସୁନ୍ଦର ସୁନ୍ଦର ଛବିଳ ବଡ଼ ବଡ଼ ହରଫ ଛବିର ପୁସ୍ତକକୁ ପାଠ୍ୟ ପୁସ୍ତକରେ ପାଠପଢ଼ା ଆରମ୍ଭ କରି ଆଗକୁ ଆଗ ବଢ଼ାଇବା ଚେଷ୍ଟାରେ ଲାଗିଥାନ୍ତି। ଏହି ବୟସର ପିଲାଙ୍କୁ ଆଦେଶ ଦେବାର ଦେଖାଯାଏ। ପରା ଅପରା ଦୁଇ ବିଦ୍ୟା, ସୁ ମାନବ ହେବା ପାଇଁ ଏହି ଦୁଇ ବିଦ୍ୟାର ଆବଶ୍ୟକ ଅଛି। ଅପରାବିଦ୍ୟା ସାଧାରଣ ମୌଳିକ ବିଦ୍ୟାରୁ ପାହାଚ ପାହାଚ ଉଠି ଏକ ବିଦ୍ୟାରେ ଡକ୍ଟରେଟ ବିଶେଷଜ୍ଞାନ ହାସଲ ପର୍ଯ୍ୟନ୍ତ ଯାଇ ହେବ। ସ୍ୱାକ୍ଷାରରୁ ଉଚ୍ଚତର ଜ୍ଞାନୀ ହେଉଛି କିନ୍ତୁ ପରାବିଦ୍ୟା ପରଲୋକ ସୁଧାର ପାଇଁ ଶିକ୍ଷା।

ଜୀବନଟା ଏକ ପଥ, ଏହି ପଥରେ ଯିବା ପାଇଁ ଦୁଇ ପ୍ରକାର ପ୍ରସ୍ତୁତି, ଅନେକ ଦ୍ରବ୍ୟ ଜନ ନେଇ ଚଳିବା ଅପରାବିଦ୍ୟାରେ ସୀମିତ। ପରା ବିଦ୍ୟାରେ ସେପରି ଅଭିଜ୍ଞ ଗୁରୁ ଆବଶ୍ୟକ ପଡ଼େ। ଗୁରୁ ଶିକ୍ଷକ ଏମାନେ ଆଦେଶ କରନ୍ତି ଉପଦେଶ ଦିଅନ୍ତି। ରାସ୍ତାରେ ଗମନା ଗମନ ଚାଲୁଛି, ରାସ୍ତାରେ ଛକ ବି ରହିଛି, ରାସ୍ତାକଡ଼ର ବାମ କଡ଼ରେ ଚାଲିବା ନିୟମ ହେଲେ ଛକରେ ରାସ୍ତା ଯାମକୁ ସରଳ ପାଇଁ ଟ୍ରାଫିକ ଅଧିକାରୀ ଷ୍ଟପ ଲଗାନ୍ତି ବା ଲାଲ ଲାଇଟ ସଂକେତ ବା ହସ୍ତ ସଂକେତ ଦେଖାଇ ଯାନ ଅଟକାନ୍ତି। ଏ ସବୁ ଆଦେଶ ସେହିପରି କେହି ଭିଆଇପି ରାସ୍ତାରେ ଯିବା କାଳରେ ରାଜ ଆଦେଶ ସମସ୍ତେ ବୁଝି ପାରି ପଥ ଛାଡ଼ନ୍ତି, ଏହିପରି ଆମ୍ବୁଲାନ୍ସ, ଫାୟାର ବିଗ୍ରେଡ ଗାଡ଼ି ପାଇଁ ରାଜ ଆଦେଶ ମାନିବାକୁ ପଡୁଛି, ରାଜ ଆଦେଶ କୋର୍ଟରେ ବଳବତ୍ତର, ମାମଲାର ଦୁଇ ପକ୍ଷଙ୍କୁ ଧର୍ମ ଶାସ୍ତ୍ର ଛୁଇଁ ଶପଥ ପାଠ କରାଯାଉଛି। ଏଥିରୁ ଶାସ୍ତ୍ରର ଉପଦେଶର ଧର୍ମରାଣ ଆଶ୍ରିତ ନିଆଯାଉଛି। ବିବାହ ବେଦୀରେ ଅଗ୍ନି ସାକ୍ଷୀ, ବିପ୍ରଙ୍କ ଶପଥ ବାକ୍ୟ ପାଠ, ଉପସ୍ଥିତ ବନ୍ଧୁ ପ୍ରିୟଜନ, ସ୍ୱାମୀ ସ୍ତ୍ରୀଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଆଦେଶ ଉପଦେଶକୁ ମାନି କାମରେ ଲଗାଇ ଚଳିବା ପ୍ରେରଣା ଧର୍ମଜ୍ଞାନ ଦିଆଯାଇଥାଏ। ପାରିବାରିକ ଜୀବନରେ ବଡ଼ ବଡ଼ଙ୍କ ଅନୁଭୂତି ଅଛି, ତାକୁ ସାନମାନେ ଉପଦେଶ ଆକାରରେ ମାନିନେଲେ ପରିବାରରେ ଶାନ୍ତି ଅବ୍ୟାହତ ରୁହେ। ପାରିବାରିକ ମାମଲା ଫ୍ୟାମିଲି କୋର୍ଟରେ ହେଲେ ବିଚାରପତିଙ୍କ ଆଦେଶ ମାନିବାକୁ ପଡୁଛି। ସବୁ ସ୍ତରରେ ଆଦେଶ ଉପଦେଶ ବଳବତ୍ତର ଅଛି ତାକୁ ମାନି ଚାଲିଲେ ସମୟ ବୃଥା ହୁଏନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ରଥଯାତ୍ରାରେ ନାଗା ସାଧୁ!!

କବୀର କୁମାର ଜେନା

ମହାପ୍ରଭୁଙ୍କ ପତିତପାବନ ଯାତ୍ରା ଅନନ୍ୟ, ସ୍ୱତନ୍ତ୍ର, ଭବ୍ୟ ଓ ଆକର୍ଷଣୀୟ। ବର୍ଷକୁ ଥରେ ପତିତମାନଙ୍କୁ କୃପା ବାରିଧାରା ଢ଼ାଳିବା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଦାଣ୍ଡରେ ମାଉସୀ ମାଆ ଘର ଅଭିମୁଖେ ଯାତ୍ରା କରିଥାନ୍ତି। ତାଙ୍କର ଏହି ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା, ପତିତପାବନ ଯାତ୍ରା, ରଥଯାତ୍ରାରେ ଅନେକ ଭକ୍ତ, ଶ୍ରଦ୍ଧାଳୁ, ସାଧକ, ଜିଜ୍ଞାସୁ ସାମିଲ ହୋଇଥାନ୍ତି। ବର୍ଷରେ ଥରେ ଚର୍ମନେତ୍ରରେ ରଥ ଉପରେ ଶ୍ରୀଜୀଉଙ୍କ ଦର୍ଶନ କରିବା ଅନେକଙ୍କ ପାଇଁ ଜୀବନର ବଡ଼ ସଂକଳ୍ପ ହୋଇଥାଏ।

୧୮୯୩ ମସିହାର କଥା, ସେ ବର୍ଷ ମହାପ୍ରଭୁଙ୍କ ନବକଳେବର ବର୍ଷ। ଗବେଷକଙ୍କ ତଥ୍ୟ ତଥା ମାଦଳା ପାଞ୍ଜିର ଉପଲବ୍ଧ ତଥ୍ୟଉତ୍ସ ଓ ସେ ସମୟର 'ଉତ୍କଳ ଦୀପିକା'ରେ ପ୍ରକାଶିତ ହୋଇଥିବା ସୂତ୍ର ମୁତାବକ ସେହି ବର୍ଷ ମହାରଣା ସହଯୋଗର ସମ୍ମତି ନ ଦେବାରୁ ଶ୍ରୀଜୀଉଙ୍କ ପୂର୍ଣ୍ଣ ନବକଳେବର ହେବା ସମ୍ଭବ ହୋଇପାରିଲା ନାହିଁ ଏହାର ଅର୍ଥ ହେଉଛି ଶ୍ରୀଜୀଉଙ୍କ କେବଳ ବସ୍ତ୍ର ପରିବର୍ତ୍ତନ କରାଗଲା। ଠିକ ସେହି ବର୍ଷର କଥା ଏକ ସଂଯୋଗ ହୁଏତ ହୋଇପାରେ, ପୁରୀକୁ ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଥିବା ହଜାର ହଜାର ନାଗା ସାଧୁସନ୍ଥ ହଠାତ୍ ପୁରୀ ଅଭିମୁଖେ ଧାଡ଼ି ଲଗାଇଲେ। ସେ ସମୟରେ ରାସ୍ତାଘାଟର ଆଜିକା ପରି ଭଲଭାବେ ଉନ୍ନତ ଓ ଯୋଗାଯୋଗର ବ୍ୟବସ୍ଥା ମଧ୍ୟ ଭଲ ନଥିଲା। ପୁରୀରେ ହଜାର ହଜାର ଏହି ନାଗା ସାଧୁଙ୍କୁ ଦେଖିବା ପାଇଁ ଓଡ଼ିଶାର ଗାଁ ଗଣ୍ଡାରୁ କିଏ ଚାଲି ଚାଲି, କିଏ ଶଗଡ଼ରେ ପୁରୀ ଅଭିମୁଖେ ଛୁଟିଲେ। ନାଗା ସାଧୁମାନେ ନଦୀକୂଳରେ ଅବସ୍ଥାନ କରୁଥାନ୍ତି। ଏହି ନଦୀ କୂଳରେ ନାଗା ସାଧୁମାନଙ୍କୁ ଦେଖିବା ପାଇଁ ଓଡ଼ିଆଙ୍କ ଭିଡ଼ ଲମ୍ବି ଚାଲିଲା। ଲୋକମାନେ ଏହି ସାଧୁ ମାନଙ୍କ ଆତିଥେୟତା ମଧ୍ୟ ନିର୍ବାହ କରିଥିଲେ। 'ଉତ୍କଳ ଦୀପିକା'ର ତଥ୍ୟ ମୁତାବକ ସେ ସମୟରେ ପାଖାପାଖି କୋଡିଏ ହଜାରରୁ ଉର୍ଦ୍ଧ୍ୱ ନାଗା ସାଧୁଙ୍କର ପୁରୀ ଆଗମନ ହୋଇଥିଲା। କିଛି ନାଗା ସାଧୁ 'ମାତା ମଠ', ଅନ୍ୟାନ୍ୟ ମଠ ମନ୍ଦିରରେ ଆଶ୍ରୟ ନେଲେ। ସଂଯୋଗକୁ ସେହି ବର୍ଷ ଜଗନ୍ନାଥ ବଲ୍ଲଭ ମଠରେ ନିତ୍ୟ ପୂଜିତ ଶ୍ରୀବିଗ୍ରହଙ୍କ ନବକଳେବର ହୋଇଥିଲା। ତତ୍କାଳୀନ ମହନ୍ତ ମହାରାଜ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ନବକଳେବର, ରଥଯାତ୍ରା ଏହିପରି ଏକ ଗହଳି ସମୟରେ ଅଚାନକ ହଜାର ହଜାର ସଂଖ୍ୟକ ନାଗା ସାଧୁଙ୍କ ଆଗମନ ପୁରୀରେ ଅନେକ ଅଭାବ ସୃଷ୍ଟି କରିଥିଲା। ଘରଭଡ଼ା ଓ ଖାଦ୍ୟ ଦ୍ରବ୍ୟର ଦର ବେଶ ଉଚ୍ଚା ରହିଥିଲା ଏପରିକି ଅନେକ ଖାଦ୍ୟ ଦ୍ରବ୍ୟ ଓ ଆନୁସଙ୍ଗିକ ଉପକରଣ ମଧ୍ୟ ବଜାରରେ ମିଳି ନଥିଲା। ସେ ସମୟରେ ନାଗା ସାଧୁମାନଙ୍କୁ ନେଇ ଅନେକ ରୋଚକ ଓ କାନକୁହା କଥା ସବୁ ବ୍ୟାପକ ପ୍ରଚାର ହେଉଥିଲା। ସେମାନେ ଉଗ୍ର, କଠୋର, ଧାର୍ମିକ ନୀତିନିୟମ ମାନୁଥିବା ସାଧକ, ସହଜେ ପ୍ରାୟତଃ ଉଲ୍ଲଗ୍ନ ରହୁଥିବା ନାଗା ସାଧୁମାନେ ଦେଖିବାକୁ ମଧ୍ୟ ଅନେକ ଦୃଷ୍ଟିରୁ ରହସ୍ୟମୟ ଲାଗନ୍ତି।

ତେଣୁ ଏପରସ୍ଥଳେ ସେ ସମୟରେ କିଛି ମଠ ନାଗା ସାଧୁମାନଙ୍କୁ ଆଶ୍ରୟ ଦେବା ପାଇଁ କୁଣ୍ଠା ପ୍ରକାଶ କରିଥିଲେ। ଏହା ବଡ଼ ତର୍କବିତର୍କ ଓ ସମାଲୋଚନା ସୃଷ୍ଟି କରିଥିଲା। ତେବେ ସବୁଠାରୁ ବଡ଼କଥା ଥିଲା ସେ ସମୟର ପୁରୀବାସୀମାନେ ବିଶେଷକରି ପୁରୀ ସନ୍ନିକଟ ଅନେକ ବ୍ରାହ୍ମଣ ଶାସନ ଗ୍ରାମର ବଦାନ୍ୟ ବ୍ରାହ୍ମଣମାନେ, ଧର୍ମାଢ଼୍ୟ ଜମିଦାର, ଏପରିକି କିଛି ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ସାହୁକାରମାନେ ମଧ୍ୟ ଏହି ନାଗା ସାଧୁଙ୍କୁ ସ୍ୱଳ୍ପ ଦିନର ରହଣୀ ପାଇଁ ଖାଦ୍ୟ ଓ ରହଣୀର ସହଯୋଗ କରିଥିଲେ। ସେ ସମୟର ପ୍ରଶାସନିକ ବ୍ୟବସ୍ଥା ଇଂରେଜମାନଙ୍କ ଶାସନାଧୀନ ଥିବାରୁ ଏହି ନାଗା ସାଧୁ ମାନଙ୍କ ଉପରେ ସ୍ଥାନୀୟ ଗୋରା ପୋଲିସଙ୍କର କିନ୍ତୁ କଡ଼ା ନଜର ରହିଥିଲା। କାରଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନାଗା ସାଧୁମାନେ କେବଳ ଭଲ ପାଉନଥିଲେ ବା ଭକ୍ତି ଜଣାଉ ନଥିଲେ ଅତୀତର ଅନେକ ତଥ୍ୟ ରହିଛି ଏବଂ ଗବେଷଣାଲବ୍ଧ ସୂତ୍ର ମଧ୍ୟ ରହିଛି ଯେଉଁଥିରେ ଉଲ୍ଲେଖ ରହିଛି ଯେ କୌଣସି ବାହ୍ୟ ଶତ୍ରୁର ଯେତେବେଳେ ବି ଶ୍ରୀମନ୍ଦିର ବା ଶ୍ରୀଜୀଉଙ୍କ ଉପରେ ହୋଇଛି ଅନେକ ସମୟରେ ନାଗାସାଧୁମାନେ ଏହାର ପ୍ରତିରୋଧ କରି କେବଳ ରକ୍ତାକ୍ତ ହୋଇନାହାଁନ୍ତି ବରଂ ନିଜ ଜୀବନ ମଧ୍ୟ ଦେଇଛନ୍ତି। ମହାନ ଶ୍ରୀଜଗନ୍ନାଥ ସଂସ୍କୃତିରେ ଏହି ନାଗା ସାଧୁମାନଙ୍କର ଅନନ୍ୟ ଉତ୍ସର୍ଗୀକୃତ ତୀବ୍ର ଭକ୍ତି ଭାବନାର ଚେତନା ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ମଧ୍ୟ ଏଯାବତ୍ ଉନ୍ମୋଚିତ ହୋଇ ପାରିନାହିଁ।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭



# ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ

ଅନୁଗୋଳ,୨୬।୬:(ମନ୍ଥନ)ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ଅବକାରୀ ବିଭାଗ ଏବଂ ସ୍ଥାନୀୟ ସାମାଜିକ ସଂଗଠନ ସ୍ପନ୍ଦନର ମିଳିତ ଆନୁକୁଲ୍ୟରେ ଆଜି ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ଚୋରା ଚାଲାଣ ବିରୋଧୀ ଦିବସ ଉପଲକ୍ଷେ ଏକ ବିଶାଳ ସଚେତନତା ପଦଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଅବକାରୀ ବିଭାଗର ଅଧିକ୍ଷୀକା ଶ୍ରୀମତୀ ମଧୁସ୍ମିତା ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ଯେ, ବର୍ତ୍ତମାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ନିଶା ସେବନ ଓ ଏହାର ଚୋରା ଚାଲାଣ ବଢ଼ିବାରେ ଲାଗିଛି । ଯଦି ସମାଜରୁ ନିଶା ବ୍ୟବହାର ବନ୍ଦ ହୋଇଯାଏ, ତେବେ ଚୋରା ଚାଲାଣ ଆପେ ଆପେ ରୋକିଯିବ । ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କ ସଚେତନତା ସହ କଡ଼ା ଆଇନ ଓ କଠୋର ଦଣ୍ଡବିଧି ନିହାତି ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲ୍ଲା ଅଧିକାରୀ ଶ୍ରୀ ମନିଷ ଏକ୍କା ଯୋଗ ଦେଇ



ଚଳିତ ବର୍ଷର ଆଭିମୁଖ୍ୟ ବିଶ୍ୱ ଡ୍ରଗ୍ସ ସମସ୍ୟା: ନିଶ୍ଚଳ ଜଟିଳତା, ନୂଆ ଆହ୍ୱାନ, ଅଭିନବ ପ୍ରତିକାର ଉପରେ ଆଲୋକପାତ କରିଥିଲେ । ସେ ନିଶା ମୁକ୍ତ ହେବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାରେ ଥିବା ନିଶା ନିବାରଣ କେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ, ଯୋଗ, ପ୍ରାଣାୟାମ କରିବା ସହିତ ନିଶାଗ୍ରସ୍ତ ସାଙ୍ଗସାଥୀଙ୍କ ଠାରୁ ଦୂରେଇ ରହିଲେ ନିଶ୍ଚିତ ଭାବେ ନିଶା ମୁକ୍ତ ହୋଇପାରିବେ ବୋଲି ସେ ଆହ୍ୱାନ ଦେଇଥିଲେ । ଅବକାରୀ ବିଭାଗର ଉପ-ଅଧିକ୍ଷକ ଶ୍ରୀ ଧିରେନ କୁମାର ବେହେରା ଯୋଗ ଦେଇ ଜିଲ୍ଲା ଅବକାରୀ ବିଭାଗର ବିଗତ ଦିନର ସଫଳତା ଓ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ସାମାଜିକ ସଂଗଠନ ସ୍ପନ୍ଦନର ଶ୍ରୀ ଅମୟ ମଲ୍ଲିକ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ନିଶା ମୁକ୍ତ ଭାରତ ଗଠନରେ ସହଯୋଗ କରିବା ପାଇଁ ଶପଥ ପାଠ କରାଇଥିଲେ । ଏହି ଜନସଚେତନତା ପଦଯାତ୍ରାରେ ଟାଇକୋଣ୍ଡୋ ଆସୋସିଏସନର ସମ୍ପାଦକ ଶ୍ରୀ ଦୁଷ୍ମନ୍ତ ନାଥ, ଓଁ ବିଦ୍ୟା ଭାରତୀ ସମୂହ ଆବାସିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଅନ୍ତେବାସୀଗଣ, ଜିଲ୍ଲା ଅବକାରୀ ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀବୃନ୍ଦ ଏବଂ ସାମାଜିକ ଅନୁଷ୍ଠାନ ଐରା ର ସଦସ୍ୟମାନେ ସାମିଲ ହୋଇ ସାଧାରଣ ଜନତାଙ୍କୁ ନିଶା ମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ସଚେତନ କରିଥିଲେ ।

# ଜିଲ୍ଲା ପରାମର୍ଶଦାତା ସମିତି ଏବଂ ଜିଲ୍ଲା ସ୍ତରୀୟ ସମୀକ୍ଷା ସମିତି ବୈଠକ ଅନୁଷ୍ଠିତ

ଅନୁଗୋଳ,୨୬।୬:(ମନ୍ଥନ)ଅନୁଗୋଳଠାରେ ଜିଲ୍ଲାପାଳ ଶ୍ରୀ ଅବ୍ଦାଲ୍ ମୁହମ୍ମଦ୍ ଅଖ୍ତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରାମର୍ଶଦାତା ସମିତି ଏବଂ ଜିଲ୍ଲା ସ୍ତରୀୟ ସମୀକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜିଲ୍ଲାର ଅଗ୍ରଗତିରେ ବ୍ୟାଙ୍କ୍ ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରି ପ୍ରଶଂସା କରିଥିଲେ । ଏହି ବୈଠକରେ ଆଇଏଏସ ପ୍ରୋବେସନର ଶ୍ରୀ ଅଭି ଜୈନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ ଯୋଗ ଦେଇଥିଲେ । ଏହି ବୈଠକରେ ନାବାର୍ଡ ଉନ୍ନୟନ ବ୍ୟାଙ୍କ ପ୍ରତିନିଧି ଶ୍ରୀ ଆଶୁତୋଷ ରଥ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରତିନିଧି ଶ୍ରୀମତୀ ମୌସୁମୀ ଦାଶ ବ୍ୟାଙ୍କିଙ୍ଗ୍ ସେକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନୁଗୋଳ ୟୁକୋ ବ୍ୟାଙ୍କର ଜିଲ୍ଲା ପ୍ରବନ୍ଧକ ଶ୍ରୀ ଦୀପକ ଚନ୍ଦ୍ର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନା କରିଥିଲେ । ଚଳିତ



ଆର୍ଥିକ ବର୍ଷରେ କୃଷି କ୍ଷେତ୍ରରେ ମୋଟ ୨୪୬୪ କୋଟି ଟଙ୍କା ବ୍ୟାଙ୍କମାନେ ଋଣ ପ୍ରଦାନ କରିଥିଲେ । MSME କ୍ଷେତ୍ରରେ ଗତ ବର୍ଷ ଜିଲ୍ଲାରେ ମୋଟ ୪୧୬୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ [redacted]ଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ବନ୍ଧନ ବ୍ୟାଙ୍କ, ଫେଡେରାଲ୍ ବ୍ୟାଙ୍କ, HDFC ବ୍ୟାଙ୍କ, ICICI ବ୍ୟାଙ୍କ, IDBI ବ୍ୟାଙ୍କ, IDFC First ବ୍ୟାଙ୍କ, କର୍ଣ୍ଣାଟକ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, Suryodaya ବ୍ୟାଙ୍କ, ଋଝଇର ବ୍ୟାଙ୍କ, ଉଜ୍ଜୀବନର ବ୍ୟାଙ୍କ ପ୍ରତିନିଧିପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୧୦୯୭୨ କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ଗୃହୀତ ହୋଇଥିଲା ।

# ଫକ୍ସୱାଗନ ଲକ୍ଷେ କର୍ମଚାରୀ ଛଟେଇ କରିବ

ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ଜର୍ମାନୀର କାର୍ ନିର୍ମାତା ଫକ୍ସୱାଗନ ଏକ ଲକ୍ଷ କର୍ମଚାରୀ ଛଟେଇ କରିବା ବିଷୟରେ ଯୋଜନା କରୁଛି । ବିଶ୍ୱବ୍ୟାପୀ ଏହି ଛଟେଇ ହେବ । କମ୍ପାନି ଜର୍ମାନୀରେ ଥିବା ଚାରିଟି କାରଖାନାରେ ଉତ୍ପାଦନ ମଧ୍ୟ ବନ୍ଦ କରିବ । ଆସନ୍ତା ପାଞ୍ଚ ବର୍ଷ ପାଇଁ କମ୍ପାନିର ନିବେଶରେ ମଧ୍ୟ ୧୫ ପ୍ରତିଶତ ହ୍ରାସ କରିବାକୁ ସିଇଓ ଓଲିଭର ବ୍ଲୁମ୍ ଲକ୍ଷ୍ୟ ରଖିଛନ୍ତି । ଫକ୍ସୱାଗନରେ ବ୍ୟାପକ ପରିବର୍ତ୍ତନ ହେବ । ଏହାର ଭିଡବ୍ଲ୍ୟୁ ବ୍ରାଣ୍ଡ ଓ ପାର୍ଟସ୍ କମ୍ପାନି ଅଲଗା ହୋଇ ସ୍ୱତନ୍ତ୍ର ସଂସ୍ଥା ଭାବେ ପରିଚାଳିତ ହେବେ । ଖର୍ଚ୍ଚ କାଟ କରିବାକୁ ୫୦ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ କମ୍ପାନିର ସିଇଓ ବ୍ଲୁମ ଲକ୍ଷ୍ୟ ରଖିଥିଲେ । ଚଳିତ ଦଶନ୍ଧିରେ କେଣସି କାରଖାନା ବନ୍ଦ କରାଯିବ ନାହିଁ ବୋଲି ଶ୍ରମିକ ସଂଘ ସହ ଚୁକ୍ତି କରିବା ସତ୍ତ୍ୱେ କମ୍ପାନି ଚାରିଟି କାରଖାନା ବନ୍ଦ କରିବ । ଏହି କାରଖାନାଗୁଡ଼ିକରେ ତିଆରି



ହେଉଥିବା ଗାଡ଼ି ବଜାରରୁ ହଟିଯିବା ପରେ ଉତ୍ପାଦନ ବନ୍ଦ କରିଦିଆଯିବ । ୟୁରୋପୀୟ କାର୍ ନିର୍ମାତାମାନଙ୍କ ଭଳି ଫକ୍ସୱାଗନ ମଧ୍ୟ ଶୁଳ୍କ ଓ ଚୀନ ନିର୍ମାତାଙ୍କଠାରୁ ପ୍ରତିଯୋଗିତା ଭଳି ଆହ୍ୱାନ ସାମନା କରୁଥିବା ବେଳେ ଇଲେକ୍ଟ୍ରିକ ଯାନ (ଇଭି)କୁ ରୂପାନ୍ତରୀତ ହେବା ଆବଶ୍ୟକ ହେଉଥିବା ପାଣ୍ଠି ଯୋଗାଡ଼ କରିବାକୁ ସଂଘର୍ଷ କରୁଛନ୍ତି । ସେଥିପାଇଁ ଖର୍ଚ୍ଚ କାଟ ଜରିଆରେ ସ୍ଥିତିର ମୁକାବିଲା କରିବାକୁ ବିଭିନ୍ନ କମ୍ପାନି ରଣନୀତି ପ୍ରସ୍ତୁତ କରୁଛନ୍ତି ।

# ଭାରତ-ପାକିସ୍ତାନ ମଧ୍ୟରେ ପୁଣି 'ଟ୍ରାକ୍-୨' ଆଲୋଚନା

ନୂଆଦିଲ୍ଲୀ,୨୬।୬(ଏଜେନ୍ସି):ଭାରତ ଓ ପାକିସ୍ତାନ ମଧ୍ୟରେ ସରକାରୀ ସ୍ତରର ଆଲୋଚନା ଦୀର୍ଘ ସମୟ ଧରି ବନ୍ଦ ଥିବା ସତ୍ତ୍ୱେ ପରଦା ଆଢୁଆଳରେ ସଂଳାପ ଜାରି ରହିଛି । ଗତ ଏକ ସପ୍ତାହ ମଧ୍ୟରେ ଉଭୟ ଦେଶର ପ୍ରତିନିଧିମାନଙ୍କ ମଧ୍ୟରେ 'ଟ୍ରାକ୍-୨' (ଅନେପଚାରିକ) ଆଲୋଚନାର ଦୁଇଟି ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି । ଏହି ବୈଠକଗୁଡ଼ିକ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ ଓ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍ରେ ହୋଇଥିବା ଜଣାପଡ଼ିଛି । ସରକାରୀ ଆଲୋଚନା ବନ୍ଦ ଥିବା ସମୟରେ ଏହି ଅନୌପଚାରିକ ସଂଳାପକୁ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଜାରି ରଖିବାର ଏକ ପ୍ରୟାସ ବୋଲି ଦେଖାଯାଉଛି । ରିପୋର୍ଟ ଅନୁସାରେ, ଏହି 'ଟ୍ରାକ୍-୨' ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଙ୍କଟ ସମୟରେ ଦୁଇ ଦେଶ ମଧ୍ୟରେ ସଂଳାପର ବ୍ୟବସ୍ଥାକୁ ସକ୍ରିୟ ରଖିବା, ସମ୍ଭାବ୍ୟ ସାମରିକ ସଂଘର୍ଷକୁ ଏଡ଼ାଇବା ଓ ତିକ୍ତ ପରିସ୍ଥିତିକୁ ସମ୍ଭାଳିବା । ବୈଠକରେ ଆତଙ୍କବାଦ ଓ ଜଳ ବଣ୍ଟନ ବିବାଦ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ନିଜ ନିଜ ମତ ଓ ତଥ୍ୟ ଉପସ୍ଥାପନ କରିଥିଲେ । ଏହାସହ 'ଟ୍ରାକ୍-୨' ଆଲୋଚନାରୁ ମିଳୁଥିବା ଗୁରୁତ୍ୱପୂର୍ଣ୍ଣ ପରାମର୍ଶକୁ ଭବିଷ୍ୟତରେ 'ଟ୍ରାକ୍-୧' ଅର୍ଥାତ ସରକାରୀ ସ୍ତରର ଆଲୋଚନାରେ କିପରି ପହଞ୍ଚାଯାଇପାରିବ, ସେନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା । ମେ ୨୦୨୫ରେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଓ ପାକିସ୍ତାନର ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇପଡ଼ିଛି । ସେହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ । ଏହା ପରେ ଦୁଇ ପରମାଣୁ ଶକ୍ତିଧର ପଡ଼ୋଶୀ ଦେଶ ମଧ୍ୟରେ ଚାରି ଦିନ ଧରି ଗୋଳାବର୍ଷଣ ଓ ଡ୍ରୋନ୍ ଆକ୍ରମଣ ହୋଇଥିଲା । ଯଦିଓ ୧୦ ମେ'ରୁ ଯୁଦ୍ଧବିରତି ଲାଗୁ ହେବା ପରେ ପରିସ୍ଥିତି ଅଧିକ ଖରାପ ହୋଇନାହିଁ, ତଥାପି ସରକାରୀ ସ୍ତରର ଆଲୋଚନା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏହି 'ଟ୍ରାକ୍-୨' ବୈଠକରେ ବର୍ତ୍ତମାନର ସରକାରୀ ଅଧିକାରୀମାନେ ନୁହେଁ, ବରଂ ଅବସରପ୍ରାପ୍ତ ସାମରିକ ଅଧିକାରୀ, ପୂର୍ବତନ କୂଟନୀତିଜ୍ଞ, ଗଣମାଧ୍ୟମ ପ୍ରତିନିଧି ଓ ଶିକ୍ଷାବିତ୍ମାନେ ଅଂଶଗ୍ରହଣ କରୁଛନ୍ତି । ସରକାରୀ ସଂଳାପ ବନ୍ଦ ଥିବାରୁ ଏଭଳି ନିରପେକ୍ଷ ସ୍ଥାନରେ ଅନୌପଚାରିକ ଆଲୋଚନା ଆୟୋଜନ କରାଯାଉଛି । ମେ ୨୦୨୫ର ସଂଘର୍ଷ ପରେ ଏଭଳି ଅନେକ ପର୍ଯ୍ୟାୟର ବୈଠକ ପଶ୍ଚିମ ଏସିଆର ବିଭିନ୍ନ ରାଜଧାନୀ ଓ ଅନ୍ୟ ନିରପେକ୍ଷ ସ୍ଥାନରେ ହୋଇସାରିଛି । ଏହାପୂର୍ବରୁ କତରର ଦୋହାରେ ମଧ୍ୟ ଏକ 'ଟ୍ରାକ୍-୨' ବୈଠକ ହୋଇଥିଲା । ପ୍ରଥମ ଥର ପାଇଁ ଏପ୍ରିଲ୍ ୨୦୨୬ରେ ଏହି ଗୁପ୍ତ ଆଲୋଚନା ସମ୍ପର୍କରେ ଖବର ସାମ୍ନାକୁ ଆସିଥିଲା ।

# 'ଜନତାଙ୍କ ଅସ୍ଥା ସହ ଖେଳୁଥିବା ଲୋକଙ୍କୁ ଛଡ଼ାଯିବନି'

ନୂଆଦିଲ୍ଲୀ,୨୬।୬(ଏଜେନ୍ସି):ଅଯୋଧ୍ୟା ରାମଲଲା ମନ୍ଦିର ଚାନ୍ଦା ଚୋରି ମାମଲାରେ ଏବେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବଡ଼ ବୟାନ ଦେଇଛନ୍ତି । ଚାନ୍ଦା ଚୋରିରେ ସାମିଲ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚେତାବନୀ ଦେଇ ସେ କହିଛନ୍ତି ଯେ, ଜନତାଙ୍କ ଆସ୍ଥା ସହିତ ଖେଳୁଥିବା ଲୋକଙ୍କୁ କୌଣସି ପରିସ୍ଥିତିରେ ବି ଛଡ଼ାଯିବନି । ଏଥିସହ ଅଯୋଧ୍ୟା ଉପରେ ଆକ୍ଷେପ ନକରିବାକୁ ସେ ବିରୋଧୀଙ୍କୁ ଚେତାବନୀ ଦେଇଛନ୍ତି । ଏସଆଇଟି ରିପୋର୍ଟ ଆସିବା ମାତ୍ରେ ହିଁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ଯେଉଁମାନେ ଏହାକୁ ନେଇ ପ୍ରଶ୍ନ ଉଠାଉଛନ୍ତି ସେମାନଙ୍କ ମନସ୍କାମନା ଠିକ୍ ନୁହେଁ ବୋଲି ଯୋଗୀ କହିଛନ୍ତି । ଶୁକ୍ରବାର ୟୁପିର ଦେବରିଆଠାରେ ଏକ ଜନସଭାକୁ ସମ୍ବୋଧିତ କରି ସିଏମ୍ ଯୋଗୀ ଅଯୋଧ୍ୟାରେ ହୋଇଥିବା ଚାନ୍ଦା ଚୋରି ଘଟଣାରେ କଡ଼ା ଆକ୍ସନ ନିଆଯାଉଥିବା କଥା କହିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ମୁଁ ଗତ ଜୁନ୍ ୧୯ରେ ଅଯୋଧ୍ୟା ଯାଇଥିଲି ଏବଂ ସେତେବେଳେ ବି କହିଥିଲି ଯେ ଅଯୋଧ୍ୟା ହେଉଛି ଭାରତର ସନାତନ ଧର୍ମ ଓ କୋଟି କୋଟି ଲୋକଙ୍କ ଆସ୍ଥାର ପ୍ରତୀକ । ଅଯୋଧ୍ୟା ଉପରେ ଆକ୍ଷେପ କରନ୍ତୁ ନାହିଁ ଏବଂ ପ୍ରଭୁ ଶ୍ରୀରାମଙ୍କ ମର୍ଯ୍ୟାଦା ରକ୍ଷା କରିବା ଶିଖନ୍ତୁ । ଅଯୋଧ୍ୟାରେ ଅନିୟମିତତା ନେଇ ସୂଚନା ମିଳିବା ମାତ୍ରେ ହିଁ ଏସଆଇଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।



ରିପୋର୍ଟ ଆସିବା କ୍ଷଣି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଖୁବ୍ ଶୀଘ୍ର ସବୁ ସତ ସାମ୍ନାକୁ ଆସିବ ବୋଲି ସେ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି । ସନାତନ ଆସ୍ଥା ସହିତ ଯିଏ ବି ଖେଳିବ, ତାକୁ ଏହାର ପରିଣାମ ଭୋଗିବାକୁ ପଡ଼ିବ । ଏଥିରେ କାହାକୁ କୋହଳ କରାଯିବ ନାହିଁ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିରୋଧୀ ଦଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିକୁ ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଆଜି ଯେଉଁମାନେ ଅଯୋଧ୍ୟା ଉପରେ ଆରୋପ ଲଗାଉଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ ଆଦୌ ଭଲ ନୁହେଁ । ଏମାନେ ସେହି ଲୋକ ଯେଉଁମାନେ ଦିନେ ଭଗବାନ ରାମଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଉଥିଲେ ଏବଂ ତାଙ୍କୁ ସ୍ୱୀକାର କରୁନଥିଲେ । ଗୋଟିଏ ପକ୍ଷ କୋର୍ଟରେ ରାମ ଜନ୍ମଭୂମି ଆନ୍ଦୋଳନ ବିରୋଧରେ ଆଇନଜୀବୀ ଛିଡ଼ା କରୁଥିଲେ, ତ ଅନ୍ୟ ପକ୍ଷଟି 'ଜୟ ଶ୍ରୀରାମ' କହିବା ଲୋକଙ୍କ ଉପରେ ଲାଠିମାଡ଼ ଓ ଗୁଳି ଚଳାଉଥିଲେ । ଯୋଗୀ ଆହୁରି କହିଛନ୍ତି ଯେ, ଯେଉଁମାନେ ପୂର୍ବରୁ ରାମନବମୀରେ ଦଙ୍ଗା କରାଉଥିଲେ, ଶ୍ରୀକୃଷ୍ଣ ଜନ୍ମୋତ୍ସବ ଉପରେ ବ୍ୟାନ୍ ଲଗାଉଥିଲେ, କାଉଡ଼ି ଯାତ୍ରା ବନ୍ଦ କରୁଥିଲେ ଏବଂ ଦୁର୍ଗାପୂଜାରେ ଗଣ୍ଡଗୋଳ କରାଉଥିଲେ, ସେମାନେ ଆଜି ଆମକୁ ଆସ୍ଥାର ପାଠ ପଢ଼ାଉଛନ୍ତି, ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ।

# ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ଉପସ୍ଥାପନ ହୋଇପାରେ ସମାନ ନାଗରିକ ସଂହିତା ବିଲ୍

ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ପଶ୍ଚିମବଙ୍ଗର ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଚଳିତ ବଜେଟ ଅଧିବେଶନରେ ସୋମବାର ବିଧାନସଭାରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଉପସ୍ଥାପନ କରିବାକୁ ଯାଉଥିବା 'ଇଣ୍ଡିଆ ଟୁଡେ' ସୂତ୍ରରୁ ଜଣାପଡ଼ିଛି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ୟୁସିସି ଲାଗୁ କରିବା ପାଇଁ ଦେଇଥିବା ଛଅ ମାସର ସମୟସୀମାର ବହୁ ପୂର୍ବରୁ ଏହି ପଦକ୍ଷେପ ନିଆଯାଉଛି । ପ୍ରସ୍ତାବିତ ୟୁସିସି ବିଲ୍ଟ ରାଜ୍ୟର ପ୍ରଥମ ବିଜେପି ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପଦକ୍ଷେପ ମଧ୍ୟରୁ ଗୋଟିଏ ଭାବରେ ଦେଖାଯାଉଛି । ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଦଳ ଏହାର ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଯେ, ପଶ୍ଚିମବଙ୍ଗରେ ଦାୟିତ୍ୱ ଗ୍ରହଣ କରିବାର ଛଅ ମାସ ମଧ୍ୟରେ ୟୁସିସି କାର୍ଯ୍ୟକାରୀ କରିବ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏପ୍ରିଲରେ ଦଳର ନିର୍ବାଚନ ଇସ୍ତାହାର 'ସଂକଳ୍ପ ପତ୍ର' ପ୍ରକାଶ କରିବା ସମୟରେ ଏହି ପ୍ରତିଶ୍ରୁତି ଉପରେ ଆଲୋକପାତ କରିଥିଲେ । ଧର୍ମଭିତ୍ତିକ ବ୍ୟକ୍ତିଗତ ଆଇନକୁ ପରିବର୍ତ୍ତନ କରି ସମସ୍ତ ନାଗରିକଙ୍କ ପାଇଁ ବିବାହ, ଛାଡପତ୍ର, ଉତ୍ତରାଧିକାର ଓ ପୋଷ୍ୟ ଗ୍ରହଣ ଭଳି ବିଷୟ ଉପରେ ସମାନ ଆଇନ ପାଇଁ ଏଥିରେ ପ୍ରସ୍ତାବ ଦେଉଛି । ବିଶେଷ ଭାବରେ ବହୁବିବାହ ଓ ତିନି ତଲାକ ଉପରେ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ । ବିଜେପି ବର୍ଷ ବର୍ଷ ଧରି କହିଆସୁଛି ଯେ, ଜାତୀୟ ଏକତାକୁ ଅଧିକ ସୁଦୃଢ଼ କରିବା ଓ ଆଇନ ଆଗରେ ସମାନତା ପାଇଁ ୟୁସିସି ଜରୁରୀ ।

# ଇରାନର ଡ୍ରୋନ୍ ଆକ୍ରମଣ ପରେ ହର୍ମୁଜରେ ଜାତିସଂଘ ବନ୍ଦ କଲା ଉଦ୍ଧାର କାର୍ଯ୍ୟ

ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ହର୍ମୁଜ୍ ପ୍ରଣାଳୀରେ ଡ୍ରୋନ୍ ଆକ୍ରମଣ ପରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି । ଜାତିସଂଘର ଏକ ଦଳ ଏହି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ସମୟରେ ଇରାନ ପକ୍ଷରୁ ଏହି ଆକ୍ରମଣ ହୋଇଛି । ଓମାନ ଉପକୂଳରେ ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣ ପରେ, ଜାତିସଂଘର ସାମୁଦ୍ରିକ ସଂସ୍ଥା, ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମ୍ଓ) ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖିଛି । ଆଇଏମ୍ଓର ନିଷ୍ପତ୍ତି ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜରେ ପ୍ରାୟ ୧୧,୦୦୦ ନାବିକଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ଗତ କିଛି ଦିନ ହେଲା ଜାତିସଂଘ ଓମାନ ଓ ଅନ୍ୟ କେତେକ ସଦସ୍ୟ ଦେଶମାନଙ୍କ ସାହାଯ୍ୟରେ ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜକୁ ସୁରକ୍ଷିତ ଭାବେ ବାହାର କରିବାକୁ ଅପରେସନ ଆରମ୍ଭ କରିଥିଲା । ଯୁଦ୍ଧ ଓ ସୁରକ୍ଷା କଟକଣା ଯୋଗୁଁ ଦୀର୍ଘ ଦିନ ଧରି ଫସି ରହିଥିବା ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ପାର କରିବାରେ ସାହାଯ୍ୟ କରିବା ଏହି ମିଶନର ଲକ୍ଷ୍ୟ ଥିଲା । କିନ୍ତୁ ଓମାନ ଉପକୂଳରେ ସିଙ୍ଗାପୁର ପତାକା ବହନ କରୁଥିବା ମାଲବାହୀ ଜାହାଜ 'ଏଭର ଲଭଲି' ଉପରେ ଗୁରୁବାର ଆକ୍ରମଣ ପରେ ଆଇଏମ୍ଓ ଏହାର ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଛି । ଏହି ଆକ୍ରମଣରେ କେଣସି ନାବିକଙ୍କ ମୃତ୍ୟୁ ହୋଇ ନଥିଲେ ମଧ୍ୟ ଜାହାଜ କ୍ଷତିଗ୍ରସ୍ତ ହୋଇଥିଲା । ଫଳରେ ଆଇଏମ୍ଓ ସୁରକ୍ଷା କାରଣର ଦୁହାଇ ଦେଇ ଉଦ୍ଧାର କାର୍ଯ୍ୟ ଅସ୍ଥାୟୀ ଭାବେ ବନ୍ଦ ରଖିଛି । ଆଇଏମ୍ଓ ମହାସଚିବ ଆର୍ସେନିଓ ଡୋମିଙ୍ଗୁଏଜ୍ କହିଛନ୍ତି ଯେ, ଉଦ୍ଧାର କରାଯିବା ତାଲିକାରେ ଥିବା ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଅଭିଯାନ ଆଗକୁ ବଢ଼ିବ ନାହିଁ । ତେବେ ଗୁରୁବାର ଆକ୍ରମଣର ଶିକାର ଜାହାଜ ଜାତିସଂଘର ଉଦ୍ଧାର ମିଶନର ଅଂଶ ନଥିଲା । ଏହି ଘଟଣା ସ୍ପଷ୍ଟ କରିଛି ଯେ, ସମୁଦ୍ର ପଥ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ଆଇଏମ୍ଓ କହିଛି ଯେ, ଏହି ଅଞ୍ଚଳରେ ପାଖାପାଖି ୨୦,୦୦୦ ନାବିକ ପୃଥକ୍ ପୃଥକ୍ ଜାହାଜରେ ଫସି ରହିଛନ୍ତି । ଏମାନଙ୍କ ମଧ୍ୟରୁ ୧୧,୦୦୦ ନାବିକଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଯୋଜନା କରାଯାଇଥିଲା । ଏବେ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିବାବେଳେ ନାବିକମାନେ ମଝି ସମୁଦ୍ରରେ ଫସି ରହିଛନ୍ତି । ସୂଚନାଯୋଗ୍ୟ, ଗତ ସପ୍ତାହରେ ୧୨୫ଟି ଜାହାଜ ହର୍ମୁଜ ପାର୍ କରିଥିଲା ।

# ତାପମାତ୍ରା ବୃଦ୍ଧିରେ ଜଳୁଛି ୟୁରୋପ, ଆର୍ଥିକ ସଙ୍କଟର ଆଶଙ୍କା

ନୂଆଦିଲ୍ଲୀ,୨୬।୬(ଏଜେନ୍ସି):ଜଳୁଛି ୟୁରୋପ । ତାପମାତ୍ରା ବୃଦ୍ଧିର ପ୍ରଭାବରେ ଏବେ ପ୍ରଭାବିତ ୟୁରୋପର ଅନେକ ଦେଶ । ଦିନ ସହ ରାତି ତାପମାତ୍ରା ବି ବଢ଼ିଲାଣି । ଆଗକୁ ସୃଷ୍ଟି କରିବ ଭୟଙ୍କର ସ୍ଥିତି । ସାମାଜିକ ସହ ଅର୍ଥନୈତିକ ସଙ୍କଟ ସୃଷ୍ଟି କରିବ । ଭାରତରେ ମଧ୍ୟ ସମାନ ପରିସ୍ଥିତି । ରିପୋର୍ଟ ଅନୁସାରେ, ୟୁରୋପରେ ଲୋକଙ୍କ ଆୟ କମୁଛି । ଯାହା ପୂର୍ବାପେକ୍ଷା ୩ ପ୍ରତିଶତ କମିଲାଣି । ଏହାର କାରଣ ହେଉଛି ତାତି ଏବଂ ମରୁଡି । ଭାରତୀୟ ମଧ୍ୟ ସମାନ ପରିସ୍ଥିତିର ଶିକାର ହେବାକୁ ଯାଉଛନ୍ତି । କାରଣ ଏଠାକାର ଅଧିକାଂଶ ଲୋକ ଚାଷବାସ ଉପରେ ନିର୍ଭରଶୀଳ । ଚଳିତ ବର୍ଷ ମୌସୁମୀ ମଧ୍ୟ ବିଶେଷ ପ୍ରଭାବ ପକାଇନପାରେ । କାରଣ ଏଲ୍ ନିନୋ ପ୍ରଭାବରେ ମୌସୁମୀ ଦୁର୍ବଳ ହୋଇଛି । ଯେତିକି ବର୍ଷା ହେବା କଥା ତାଠାରୁ କମ୍ ବର୍ଷା ହୋଇଛି । ବିଶ୍ୱବ୍ୟାଙ୍କର ରିପୋର୍ଟ କହୁଛି ଯେ, ଯଦି ହାରାହାରି ତାପମାତ୍ରା ୧ ଡିଗ୍ରୀ ବୃଦ୍ଧି ପାଏ ତାହାଲେ ଏହା ଗୁରୁତର ଖାଦ୍ୟ ସଙ୍କଟ ସୃଷ୍ଟି କରିବ । ଅସମାନତା ବୃଦ୍ଧି ପାଇବା ସଙ୍ଗେ ଦାରିଦ୍ର୍ୟ ବଢ଼ିବ । ସହର ଅପେକ୍ଷା ଗ୍ରାମାଞ୍ଚଳରେ ଏହି ତାରତମ୍ୟ ଅଧିକ ରହିବ । ଅଧିକ ହିଟୱେଭ୍ କାରଣ କେବଳ ଜଳବାୟୁ ଉପରେ ପ୍ରଭାବ ପକାଏ ନାହିଁ । ଏହା ରୋଜଗାର, ଉତ୍ପାଦନ, ଖାଦ୍ୟ, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ । ଅଧିକ ତାପମାତ୍ରା ବଢ଼ିଲେ ବିହନ ନଷ୍ଟ ହେବାର ସମ୍ଭାବନା ରହିଛି କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ୯୦ ପ୍ରତିଶତ ନିଜର ରୋଜଗାର ହରାଇବେ ସୁପର ଏଲନିନୋ ପାଇଁ ଚଳିତ ବର୍ଷ ବର୍ଷା ଠିକ୍ ଭାବେ ହେବ ନାହିଁ ଜଳବାୟୁର ପରିବର୍ତ୍ତନ ତଥା ହିଟୱେଭ୍ ଦରଦାମ ବୃଦ୍ଧିର କାରଣ ହୋଇପାରେ ବର୍ଷା ନହେବାକୁ ଚାଷକାର୍ଯ୍ୟ ପ୍ରଭାବିତ ହେବ, ଉତ୍ପାଦନ କମିବ କିନ୍ତୁ ଚାହିଦା ବଢ଼ିବ ଫଳରେ ଦରଦାମ ମଧ୍ୟ ବୃଦ୍ଧି ପାଇବ, ପରିବା ଦରରେ ୬ରୁ ୧୫ ପ୍ରତିଶତ ଯାଏଁ ବୃଦ୍ଧି ଆକଳନ ଭାରତର ଜିଡିପି ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ସିଧାସଳଖ




ସମ୍ପର୍କ ରହିଛି ୨୦୫୦ ସୁଦ୍ଧା ଜିଡିପିରେ ୨.୮ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇପାରେ ଛତିଶଗଡ, ମଧ୍ୟ ପ୍ରଦେଶ, ରାଜସ୍ଥାନ, ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ରରେ ଅଧିକ କ୍ଷତି ଅନୁମାନ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେବ, ବର୍ଷା ନହେଲେ ଜଳସଙ୍କଟ ମଧ୍ୟ ସୃଷ୍ଟି ହେବ ଭାରତୀୟଙ୍କ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇବ ।

# ଝାଡ଼ଖଣ୍ଡରରେ ଟ୍ରକ୍ ଓ ଭ୍ୟାନ ଧକ୍କାରେ ୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାଜରପ୍ପା ଥାନା ଅନ୍ତର୍ଗତ ବାରଲୋଙ୍ଗ ବୁଧବଜାର ଅଞ୍ଚଳରେ କୋଇଲା ବୋଝେଇ ଏକ ଦ୍ରୁତଗାମୀ ଟ୍ରକ୍, ଗୋଟିଏ ବ୍ୟାଣ୍ଡ ପାର୍ଟି ଗାଡ଼ି(ଭ୍ୟାନ୍) କୁ ଆଗପଟୁ ଜୋରରେ ଧକ୍କା ଦେଇବା ଫଳରେ ଭ୍ୟାନଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି ଏବଂ ସେଥିରେ ଥିବା ୮ ଜଣ ବ୍ୟାଣ୍ଡ କଳାକାରଙ୍କ ମୃତ୍ୟୁ ଘଟିଛି । ମୃତକମାନେ ସ୍ଥାନୀୟ ମାରାଙ୍ଗମାର୍ଚ୍ଚା ଏବଂ ବାଲସାଗ୍ରା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି । ତେବେ ପୋଲିସ ଦୁଇଟିଯାକ ଗାଡ଼ିକୁ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରକ୍ ଚାଳକକୁ ଖୋଜୁଛି । ରାଜରପ୍ପା ଥାନା ପ୍ରଭାରୀ କୃଷ୍ଣ କୁମାରଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଡାକ୍ତରଖାନା ନେବା ବାଟରେ ଓ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୨ ଜଣ ପ୍ରାଣ ହରାଇଛନ୍ତି । ଜଣେ ଗୁରୁତର ଆହତଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଞ୍ଚିର ରିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ଚିକିତ୍ସା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗାଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ମର୍ମନ୍ତୁଦ ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ରାମମନ୍ଦିର ପାଣ୍ଠି ହେରଫେର୍ ମାମଲା

# ଟ୍ରଷ୍ଟ ମହାସଚିବ ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୬।୬(ଏଜେନ୍ସି):ଅଯୋଧ୍ୟା ରାମମନ୍ଦିର ପାଣ୍ଠି ହେରଫେର୍ ମାମଲାରେ ୮ ଜଣ ଗିରଫ ହେବା ପରେ ରାମ ମନ୍ଦିର ତୀର୍ଥକ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଓ ଟ୍ରଷ୍ଟର ଅନ୍ୟ ଜଣେ ପ୍ରମୁଖ ସଦସ୍ୟ ଅନିଲ ମିଶ୍ର ଇସ୍ତଫା ଦେଇଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦାନ ଚୋରିରେ ମାମଲାରେ ଏହି ସମସ୍ତେ ସମ୍ପୃକ୍ତ ଥିବା ସ୍ୱୀକାର କରିବାର କିଛି ମିନିଟ୍ ପରେ ଚମ୍ପତ ରାୟ ଓ ଅନିଲ ମିଶ୍ର ଇସ୍ତଫା ଦେଇଛନ୍ତି । ଯୋଗୀ ଆଦିତ୍ୟନାଥ ଏହି ଅବସରରେ ବିରୋଧୀ ଦଳମାନଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଏହା ଅଯୋଧ୍ୟାକୁ ବଦନାମ କରିବାର ପ୍ରୟାସ ଓ 'ରାମ ଭକ୍ତ'ଙ୍କ ଭାବନାକୁ ଆଘାତ ଦେଇଛି । ଦେଓରିଆରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଦୁଇ ଥରର ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ, ଉତ୍ତର ପ୍ରଦେଶ ସରକାର ରାମ ମନ୍ଦିର ଦାନର କଥିତ ଆତ୍ମସାତ ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍ଆଇଟି) ଗଠନ କରିଛନ୍ତି ଓ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ରାମ ମନ୍ଦିର ପାଣ୍ଠି ହେରଫେର ମାମଲାର ତଦନ୍ତ କରୁଥିବା ଏସ୍ଆଇଟି ଉତ୍ତରପ୍ରଦେଶ ସରକାର ନିକଟରେ ଏହାର ପ୍ରାଥମିକ ରିପୋର୍ଟ ଦାଖଲ କରିବାର ୨ ଦିନ ପରେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଟିନ୍ନୁ ଯାଦବ ଓ ଅନୁକଳ୍ପ ମିଶ୍ରଙ୍କ ସମେତ ମୋଟ୍ ୮ ଜଣଙ୍କ ବିରୋଧରେ ଏତଲା ରୁଜୁ ହୋଇଥିଲା । ଏସ୍ଆଇଟି କରିଥିବା ସୁପାରିସ ଆଧାରରେ ଉକ୍ତ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି । ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ସଦସ୍ୟ ଶ୍ରୀ କୃଷ୍ଣ ମୋହନ ପ୍ରଥମେ ଏହି ମାମଲାରେ ଅଭିଯୋଗ କରିଥିଲେ । ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ୩ ଜଣିଆ ସଦସ୍ୟ ବିଶିଷ୍ଟ ଏକ ଏସ୍ଆଇଟି ଗଠନ କରିଥିଲେ । ଏସ୍ଆଇଟିର ପ୍ରାଥମିକ ରିପୋର୍ଟରେ ମାମଲାରେ ପରବର୍ତ୍ତୀ ବିଚାରଣ ପାଇଁ ସୁପାରିସ କରାଯିବାପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୬, ୩୧୬(୫), ୩୧୭(୪), ୩୧୭(୫) ଏବଂ ୩(୫) ଅଧୀନରେ ଏହି ମାମଲାରେ ରାମଶଙ୍କର ଯାଦବ (ଟିନ୍ନୁ ଯାଦବ), ଅନୁକଳ୍ପ ମିଶ୍ର, ଅବିନାଶ ଶୁକ୍ଲା, ମନୀଷ ଯାଦବ, ଲବକୁଶ ମିଶ୍ର, ରାମଶଙ୍କର ମିଶ୍ର , ସୁଭାଷ ଶ୍ରୀବାସ୍ତବ ଓ କରୁଣେଶ ପାଣ୍ଡେ ଓ କେତେକ ଅଜ୍ଞାତ ଲୋକଙ୍କ ବିରୋଧରେ ଏତଲା ରୁଜୁ ହୋଇଥିଲା । ଏହାପରେ ସମସ୍ତ ୮ ଜଣଙ୍କୁ ଗିରଫ କରାଯାଇଥିଲା । ଅଭିଯୁକ୍ତମାନେ ପୁଲିସ ହେପାଜତରେ ଅଛନ୍ତି ଓ ପୁଲିସ ସେମାନଙ୍କୁ ପଚରାଉଚରା କରୁଛି ।



## ଚିନ୍ତନ ମଣ୍ଡପ କିଶୋର ଅଂଶଗ୍ରହଣ ଓ ସହରାଞ୍ଚଳ ଶାସନ କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ




**ଭୁବନେଶ୍ୱର, ୨୬।୬ (ନି.ପ୍ର)** : ସହରାଞ୍ଚଳ ଶାସନ କ୍ଷେତ୍ରରେ କିଶୋରଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସମଗ୍ର ଭୁବନେଶ୍ୱରରୁ ୨୦୦ରୁ ଅଧିକ କିଶୋର ହମାରା ବଚ୍‌ପନ ଟ୍ରଷ୍ଟ (ଏଚବିଟି) ପକ୍ଷରୁ ନିରାପଦ, ସୁସଂହତ ଏବଂ ସ୍ୱାସ୍ଥ୍ୟପ୍ରଦ ସର୍ବସାଧାରଣ ସ୍ଥଳ (ଏସଭିଏଚପିଏସ୍) କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଡବ୍ଲ୍ୟୁଆରଆଇ ଇଣ୍ଡିଆ ସହଯୋଗୀତାରେ ଆୟୋଜିତ ଓଡ଼ିଶାର ପ୍ରଥମ ସହର-ସ୍ତରୀୟ କିଶୋର ସଂସଦ 'ଚିନ୍ତନ ମଣ୍ଡପରେ ଏକତ୍ରିତ ହୋଇଥିଲେ। ଏହି ଅନନ୍ୟ କିଶୋର-ନେତୃତ୍ୱ ସଂସଦୀୟ ଫୋରମ୍ ଯୁବକ ଯୁବତୀଙ୍କୁ ସେମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ମୁଖ୍ୟ ସହରାଞ୍ଚଳ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିବା ଏବଂ ସରକାରୀ ପ୍ରତିନିଧିମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ନିୟୋଜିତ ହେବାକୁ ଏକ ମଞ୍ଚ ଯୋଗାଇ ଦେଇଥିଲା। କିଶୋରମାନେ ବାଚସ୍ପତି, ମନ୍ତ୍ରୀଗଣ, ଆର୍ଥିକ ପ୍ରତିନିଧି ଏବଂ ଜୋନ୍ ପ୍ରତିନିଧି ଆଦି ସମସ୍ତ ସଂସଦୀୟ ଭୂମିକା ନିର୍ବାହ କରିଥିଲେ, ଯାହା ଚିନ୍ତନ ମଣ୍ଡପକୁ ଓଡ଼ିଶାରେ ଏହି ଧରଣର ପ୍ରଥମ କିଶୋର-ନେତୃତ୍ୱ ଶାସନ ପ୍ଲାଟଫର୍ମ କରି ଗଢ଼ିତୋଳିଥିଲା। ଭୁବନେଶ୍ୱରରେ ୨୯୭ ଗୋଷ୍ଠୀରେ କରାଯାଇଥିବା କିଶୋର-ନେତୃତ୍ୱ ଅଡିଟ୍ ଜରିଆରେ ସଂଗୃହୀତ ତଥ୍ୟକୁ ନେଇ ଅଂଶଗ୍ରହଣକାରୀମାନେ ଜଳ ଓ ପରିମଳ, ସାମାଜିକ ନିରାପତ୍ତା ଓ ସୁରକ୍ଷା, ସର୍ବସାଧାରଣ ଭିତ୍ତିଭୂମି ଓ ଗମନା ଗମନ ଏବଂ ଉତ୍ତରଦାୟୀ ଶାସନ ଓ ବଜେଟ ପ୍ରସ୍ତୁତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ଚଞ୍ଚଳ ରାଣା, କମିଶନର, ଭୁବନେଶ୍ୱର ମହାନଗର ନିଗମ, ତାଙ୍କ ବକ୍ତବ୍ୟରେ ସହରର ବର୍ତ୍ତମାନ ଏବଂ ଏକ ଅଧିକ ସମାବେଶୀ ଓ ସମ୍ବେଦୀ ଭୁବନେଶ୍ୱର ଗଠନରେ କିଶେରମାନଙ୍କର ତଥ୍ୟ-ଆଧାରିତ ଅନ୍ତର୍ଦୃଷ୍ଟି ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ସହରାଞ୍ଚଳ ଯୋଜନା ପ୍ରସ୍ତୁତି ଓ ଶାସନ କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣ ଉପରେ ଜୋର୍ ଦେଇଥିଲେ।

ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ପିଲାମାନେ, ମହିଳା ଏବଂ ଯୁବବର୍ଗଙ୍କ ସହିତ ହମାରା ବଚ୍‌ପନ ଟ୍ରଷ୍ଟର ନିରନ୍ତର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଚିଂନ ମଣ୍ଡପ ଅବସରରେ କିଶୋରମାନଙ୍କ ଦ୍ୱାରା କରାଯାଇଥିବା ଚିନ୍ତନଶୀଳ ଆଲୋଚନା ପାଇଁ ବଧେଇ ଜଣାଇଥିଲେ। ସେମାନଙ୍କୁ ସହରର ଭବିଷ୍ୟତ ନାଗରିକ ଏବଂ ନେତୃତ୍ୱ ବୋଲି ବର୍ଣ୍ଣନା କରି ମେୟର ଜୋର୍ ଦେଇ କହିଥିଲେ ଯେ ସେମାନଙ୍କର ସ୍ୱର ଏବଂ ଚିଂଧାରା ଏକ ଅଧିକ ସମାବେଶୀ ଏବଂ ଉତ୍ତରଦାୟୀ ଭୁବନେଶ୍ୱର ଗଢ଼ିତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ।

ଉତ୍ତରଦାୟୀ ଶାସନ ଏବଂ କିଶୋର ବଜେଟ ସଂପୃକ୍ତିକରଣ- ବଜେଟରେ ରହୁଥିବା ତାରତମ୍ୟ, ଅଭିଯୋଗ ସମାଧାନ ବ୍ୟବସ୍ଥା, ଉତ୍ତର ଦାୟିତ୍ୱ ଏବଂ କିଶୋରମାନଙ୍କ ଅଗ୍ରାଧିକାରତା ସମ୍ପର୍କରେ ପରୀକ୍ଷା ନିରୀକ୍ଷା।

ଏକାଧିକ କିଶୋର-ନେତୃତ୍ୱାଧୀନ ନୀତି ଦସ୍ତାବିଜ ଉନ୍ମୋଚନ ଓ ଦାଖଲ ସହିତ କାର୍ଯ୍ୟକ୍ରମ ପରିସମାପ୍ତ ହୋଇଥିଲା। ଉକ୍ତ ଦସ୍ତାବିଜଗୁଡ଼ିକ ହେଉଛି: କିଶୋର- ଅନୁକୂଳ ଭୁବନେଶ୍ୱର ସନନ୍ଦ, ଯେଉଁଥିରେ ବିଭାଗୱାରୀ ସୁପାରିଶସମୂହ ଏବଂ କାର୍ଯ୍ୟାନ୍ୱୟନ ବିନ୍ଦୁଗୁଡ଼ିକ ଉଲ୍ଲେଖ ରହିଛି।

କିଶୋରମାନଙ୍କ କଲ୍ୟାଣ, ନିରାପତ୍ତା, ସର୍ବସାଧାରଣ ସ୍ଥଳ ଓ ଅନ୍ତର୍ଭୁକ୍ତି ଉପରେ ସଂକ୍ଷେପରେ ନୀତିଗତ ସୁପାରିଶ।

## ଆକ୍ସିସ ବ୍ୟାଙ୍କର ବରଗୁଣ୍ଡି ପ୍ରାଇଭେଟ ଓ ହୁରୁନ ଇଣ୍ଡିଆ ପକ୍ଷରୁ 'ଭାରତରେ ୫୦୦ ସବୁଠୁ ମୂଲ୍ୟବାନ ଅଣ ରାଷ୍ଟ୍ରାୟତ କମ୍ପାନି'ର ପଂଚମ ସଂସ୍କରଣ ଉନ୍ମୋଚିତ

**ଭୁବନେଶ୍ୱର, ୨୬।୬ (ନି.ପ୍ର)** : ଆକ୍ସିସ ବ୍ୟାଙ୍କର ପ୍ରାଇଭେଟ ବ୍ୟାଙ୍କିଂ ବ୍ୟବସାୟ ବରଗୁଣ୍ଡି ପ୍ରାଇଭେଟ ଓ ହୁରୁନ ଇଣ୍ଡିଆ ପକ୍ଷରୁ ଭାରତର ୫୦୦ ସବୁଠୁ ମୂଲ୍ୟବାନ କମ୍ପାନି '୨୦୨୫ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦' ରିପୋର୍ଟର ପଂଚମ ସଂସ୍କରଣକୁ ଉନ୍ମୋଚନ କରାଯାଇଛି। ମିଳିତ ଭାବେ ଏହି କମ୍ପାନିଗୁଡ଼ିକର ମୂଲ୍ୟ ହେଉଛି ୩.୪ ଟ୍ରିଲିୟନ ଡଲାର। ଏହି ତାଲିକା ପାଇଁ ୧.୧ ବିଲିଅନ ଡଲାର (୧୦,୨୩୦ କୋଟି ଟଙ୍କା) ବଜାର ପୁଂଜି ଥିବା କମ୍ପାନିଗୁଡ଼ିକୁ ବିଚାରକୁ ନିଆଯାଇଥିଲା। ଗତବର୍ଷ ତୁଳନାରେ ସେମାନଙ୍କ ମୂଲ୍ୟରେ ୭ ପ୍ରତିଶତ ବୃଦ୍ଧି ହୋଇଛି। ଏହି କମ୍ପାନିଗୁଡ଼ିକର ହାରାହାରି ବୟସ ହେଉଛି ୪୪ବର୍ଷ। ଏହି କମ୍ପାନିଗୁଡ଼ିକ ମିଳିତ ଭାବେ ୮.୯ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଥିବା ବେଳେ ୩.୨୩ ଲକ୍ଷ କୋଟି ଟଙ୍କାର ଟିକସ ଯୋଗଦାନ ଦେଇଥିବା ବେଳେ ସିଏସଆରରେ ୧୩,୪୩୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଆକ୍ସିସ ବ୍ୟାଙ୍କର କାର୍ଡସ, ପେମେଂଟସ ଓ ସମ୍ପତ୍ତି ପରିଚାଳନାର ଗ୍ରୁପ ମୁଖ୍ୟ ଆର୍ନିକା ଦିକ୍ଷୀତ କହିଛନ୍ତି ଯେ, 'ଭାରତର ୫୦୦ ସବୁଠୁ ମୂଲ୍ୟବାନ କମ୍ପାନିଙ୍କ ସଫଳତାକୁ ଆମେ ପାଳନ କରୁଥିବା ବେଳେ ହୁରୁନ ଇଣ୍ଡିଆ ସହ ସହଯୋଗିତା ସ୍ଥାପନ କରି ବରଗୁଣ୍ଡି ପ୍ରାଇଭେଟ ଅତ୍ୟନ୍ତ ଉଲ୍ଲସିତ। ୨୦୨୫ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦ ରିପୋର୍ଟ ଭାରତର କର୍ପୋରେଟ ଜଗତର ଏକ ବିକାଶର ପର୍ଯ୍ୟାୟ ଉପରେ ଆଲୋକପାତ କରୁଛି ଯେଉଁଠାରେ କମ୍ପାନିଗୁଡ଼ିକ ପରିସ୍ଥିତି ସହ ଖାପ ଖୁଆଇ ବ୍ୟାପକ ହୋଇଥିବା ବେଳେ ବିଭିନ୍ନ ସ୍ଥିତିରେ ନିବେଶ କରିଛଁ ଓ ପ୍ରାସଙ୍ଗିକ ରହିବାର ବାଟ ବାହାର କରିଛନ୍ତି। ମୂଲ୍ୟ ସୃଷ୍ଟିରେ ବିବିଧତାର ସ୍ପଷ୍ଟ ପ୍ରମାଣ ଏଥିରୁ ଜଣାପଡୁଛି। ସେମାନେ ପାରମ୍ପରିକ କେନ୍ଦ୍ରରୁ ବିଭିନ୍ନ ବ୍ୟବସାୟ ଓ ବଜାରକୁ ବ୍ୟାପକ ହୋଇଛନ୍ତି।

ପୁଞ୍ଜି କିଭଳି ନିୟୋଜନ କରାଯାଇଥିଲା ଓ ସୁଯୋଗ କିଭଳି ସୃଷ୍ଟି କରାଯାଇଥିଲା ତାହା ଆକ୍ସିସ ବ୍ୟାଙ୍କରେ ଆମେ ଦେଖିଛୁ। ବରଗୁଣ୍ଡି ପ୍ରାଇଭେଟ ଜରିଆରେ ଆମେ ଆମର ସମ୍ପତ୍ତି ପରିଚାଳନା ସମାଧାନ 'ୱାନ ଆକ୍ସିସ' ଜରିଆରେ କ୍ଲାଏଂଟମାନଙ୍କୁ ପରିବର୍ତ୍ତନଶୀଳ ନିବେଶ ସୁଯୋଗ ହାସଲ କରିବା ପାଇଁ ସଶକ୍ତ କରୁଛୁ। ୨୦୨୬ ମେ' ସୁଦ୍ଧା ଆମର ପରିଚାଳନା ଅଧୀନ ସମ୍ପତ୍ତି ୧୫ ପ୍ରତିଶତ ବୃଦ୍ଧି ପାଇ ୨୭ ବିଲିୟନ ଡଲାର ହୋଇଥିବା ବେଳେ ଆମେ ଭାରତୀୟ ପରିବାରଗୁଡ଼ିକର ବିଶ୍ୱସନୀୟ ସହଯୋଗୀ ହୋଇରହିଛୁ। ସେହି ସମୟରେ ଆମେ ବ୍ୟାପକ କ୍ଷେତ୍ରରେ ବଢୁଥିବା ସଂସ୍ଥା, ଉଦ୍ୟମିତା ବ୍ୟବସ୍ଥା ଓ ବୃହତ ସହର ବଜାରେ ବଜାରରେ ନୂଆ ସମ୍ପତ୍ତି ସୃଷ୍ଟି ହୋଇଥିବା ଦେଖିଛୁ ଯାହା ଭାରତ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟକୁ ଆକାର ପ୍ରଦାନ କରିଥିଲା। ଭାରତର ସଂପତି ସୃଷ୍ଟିକାରୀଙ୍କ ପାଇଁ ତଥ୍ୟ, ଦକ୍ଷତା ଆଦି ଆବଶ୍ୟକ ସହାୟତା ଯୋଗାଇ ଦେଇ ଏହି ଉଦୀୟମାନ କ୍ଷେତ୍ରକୁ ସେବା ପ୍ରଦାନ କରିବାକୁ ଆମେ ପ୍ରସ୍ତୁତ ରହିଛୁ।'

ହୁରୁନ ଇଣ୍ଡିଆର ପ୍ରତିଷ୍ଠାତା ଓ ମୁଖ୍ୟ ଗବେଷକ ଅନାସ ଅହମଦ ଜୁନୈଦ କହିଛନ୍ତି ଯେ, '୨୦୨୫ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦ରେ ଥିବା କମ୍ପାନିଗୁଡ଼ିକ ହେଉଛଁ ଭାରତୀୟ ଘରୋଇ କ୍ଷେତ୍ରର ମେରୁଦଣ୍ଡ ଓ ସେମାନଙ୍କ ଉଲ୍ଲେଖନୀୟ ଅର୍ଥନୈତିକ ପ୍ରଭାବ ରହିଛି। ସେଗୁଡ଼ିକର ମିଳିତ ମୂଲ୍ୟ ୩.୪ ଟ୍ରିଲିୟନ ଡଲାର ରହିଛି ଯାହା କାନାଡାର ଜିଡିପି ଏବଂ ଇଣ୍ଡୋନେସିଆ ଓ ସ୍ପେନର ମିଳିତ ଜିଡିପିଠାରୁ ଅଧିକ ଏବଂ ସେମାନେ ୮.୯ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଭାରତର ଅର୍ଥନୀତି କିଭଳି ଆଗକୁ ବଢ଼ିଛି ଯାହା ଜାଣିବାକୁ ଚାହୁଁଥିଲେ ଭାରତର ୫୦୦ ମୂଲ୍ୟବାନ କମ୍ପାନି ପଛରେ ରହିଥିବା କାହାଣୀରୁ ଆପଣ ଆରମ୍ଭ କରିପାରିବେ।

ବିଗତ ଚାରି ବର୍ଷରେ ଭାରତୀୟ ଅର୍ଥନୀତିରେ ହୋଇଥିବା ବ୍ୟାପକ ରୂପାନ୍ତରଣକୁ ୨୦୨୫ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦ ରିପୋର୍ଟ ଦର୍ଶାଉଛି। ଚଳିତ ବର୍ଷ ଏଥିରେ ୯୫ଟି ନୂଆ କମ୍ପାନି ସ୍ଥାପନ ପାଇଛନ୍ତି। ୨୦୨୧ ତାଲିକାରେ ଥିବା ଏକ ତୃତୀୟାଂଶ କମ୍ପାନି ବାହାର ହୋଇଯାଇଛନ୍ତି। ଭାରତୀୟ ଅର୍ଥନୀତିରେ ହୋଇଥିବା ପରିବର୍ତ୍ତନକୁ ତାହା ଜଣାଉଛି।

ତାଲିକା ପାଇଁ ଗତବର୍ଷର ଯୋଗ୍ୟତା ସ୍ତର ୯୫୮୦ କୋଟି ଟଙ୍କା ଥିଲା ଯାହା ଚଳିତ ବର୍ଷ ୧୦,୨୩୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଲାଗାତର ପଂଚମ ବର୍ଷରେ ତାଲିକାରେ ଥିବା ପ୍ରତିଟି କମ୍ପାନି ବିଲିଅନ ଡଲାର ମାନ୍ୟତା ହାସଲ କରିଛନ୍ତି। ଏହି କମ୍ପାନିଗୁଡ଼ିକର ରାଜସ୍ୱ ୧ ଟ୍ରିଲିଅନ ଡଲାର ହୋଇଛି ଯାହା ଭାରତର ଜିଡିପିର ଏକ ଚତୁର୍ଥାଂଶରୁ ଅଧିକ।'

ଏହି ରିପୋର୍ଟରୁ ଜଣାପଡ଼ିଛି ଯେ ୧୯୮ଟି କମ୍ପାନି ନିଜର ମୂଲ୍ୟ ବଢ଼ାଇବାରେ ସଫଳ ହୋଇଛନ୍ତି। ନୂତନ ଭାବେ ସ୍ଥାନ ପାଇଥିବା ୯୫ଟି କମ୍ପାନିର ମୂଲ୍ୟ ହେଉଛି ୧୮.୪୫ ଲକ୍ଷ କୋଟି ଟଙ୍କା। ରାଜକୋଟ, ବିକାନେର, କୁମ୍ଭକୋନମ ଓ ରଂଜନଗାଉଁ ଭଳି ଛୋଟ ସହରରୁ ମଧ୍ୟ ଉଲ୍ଲେଖନୀୟ ମୂଲ୍ୟ ସୃଷ୍ଟି ହୋଇଛି।

ଗ୍ରୋ, ଆଦାନି ପ୍ରପର୍ଟିଜ, ଏଥର ଏନର୍ଜି, ଆନ୍ଥେମ ବାୟୋସାଇନ୍ସ, ମିଶୋ, ହଲଦୀରାମ ସ୍ନାକ୍ସ, ମଲଟି କମୋଡିଟି ଏକ୍ସଚେଂଜ ଅଫ ଇଣ୍ଡିଆ, ପାହାରପୁର କୁଲିଂ ଟାୱାର, ଆଦାନୀ ପାୱାର, ଆରବିଏଲ ବ୍ୟାଙ୍କ, ନବୀନ ଫ୍ଲୋରିନ ଇଂଟରନ୍ୟାସନାଲର ମୂଲ୍ୟ ଦ୍ୱିଗୁଣିତ ହୋଇଛି। କ୍ରିକେଟରେ କୋଲକାତା ନାଇଟ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗସ, ରୟାଲ ଚ୍ୟାଲେର୍ସ ବେଙ୍ଗାଲୁରୁ, ରାଜସ୍ଥାନ ରୟାଲସ ଓ ପଂଜାବ କିଙ୍ଗସ ଉଲ୍ଲେଖନୀୟ ମୂଲ୍ୟ ସୃଷ୍ଟି କରିଛନ୍ତି। ୨୦୨୧ ପରଠାରୁ ଭାରତୀ ଏୟାରଟେଲ ୭.୬ ଲକ୍ଷ କୋଟି ଟଙ୍କା ହୋଇଛି। ସର୍ଭମ ଏଆଇ ଭାରତର ପ୍ରଥମ ଲାର୍ଜ ଲାଙ୍ଗୁଏଜ ମଡେଲ (ଏଲଏଲଏମ) ବିକାଶ କରିଛି। ଟିସିଏସ, ଇନଫୋସିସ ଓ ୱିପ୍ରୋ ପାଂଚ ବର୍ଷରେ ୮.୫ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

## ୨୦୨୫-୨୬ ଶିକ୍ଷାବର୍ଷରେ ବିଶ୍ୱ ଦକ୍ଷତା କେନ୍ଦ୍ରର ରେକର୍ଡ ପ୍ଲେସମେଣ୍ଟ ସଫଳତା

**ଭୁବନେଶ୍ୱର, ୨୬।୬ (ନି.ପ୍ର):** ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଅଭିଯାନକୁ ଆହୁରି ସୁଦୃଢ଼ କରି ବିଶ୍ୱ ଦକ୍ଷତା କେନ୍ଦ୍ର ୨୦୨୫-୨୬ ଶିକ୍ଷାବର୍ଷରେ ପ୍ଲେସମେଣ୍ଟ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ଭାରତର ଏହି ଅଗ୍ରଣୀ ଦକ୍ଷତା ବିକାଶ ପ୍ରତିଷ୍ଠାନର ୩,୫୬୫ ଜଣ ଛାତ୍ରଛାତ୍ରୀ ଦେଶ ଓ ବିଦେଶର ପ୍ରମୁଖ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ପ୍ରତିଷ୍ଠାନର ମୋଟ ପ୍ଲେସମେଣ୍ଟ ହାର ୯୯ ପ୍ରତିଶତ ରହିଛି। ଏହି ସଫଳତା ରାଜ୍ୟର ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ପ୍ରଦାନ ସହ ରୋଜଗାର ସୃଷ୍ଟି କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଉଲ୍ଲେଖନୀୟ ଅବଦାନକୁ ପ୍ରତିଫଳିତ କରୁଛି।



ଅନ୍ତର୍ଜାତୀୟ ପ୍ଲେସମେଣ୍ଟ କ୍ଷେତ୍ରରେ ପ୍ରତିଷ୍ଠାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମୋଟ ୨୭୩ ଜଣ ଶିକ୍ଷାର୍ଥୀ ବିଦେଶରେ ନିଯୁକ୍ତି ପାଇଥିବାବେଳେ ସିଙ୍ଗାପୁରରେ ସର୍ବାଧିକ ବାର୍ଷିକ ୨୬ ଲକ୍ଷ ଟଙ୍କାର ପ୍ୟାକେଜ୍ ମିଳିଛି। ସେହିପରି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ମଧ୍ୟ ବାର୍ଷିକ ୫.୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜ୍ ?ରେ ଛାତ୍ରଛାତ୍ରୀ ନିଯୁକ୍ତି ପାଇଛନ୍ତି। ବିଦେଶରେ ନିଯୁକ୍ତି ପାଇଥିବା ୨୭୩ ଜଣଙ୍କ ମଧ୍ୟରେ ୪୪ ଜଣ ମହିଳା ରହିଛନ୍ତି, ଯାହା ରାଜ୍ୟରେ ମହିଳା ସଶକ୍ତିକରଣ ଏବଂ ଦକ୍ଷତାଭିତ୍ତିକ ଶିକ୍ଷାର ଗୁରୁତ୍ୱକୁ ଦର୍ଶାଉଛି।

ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି, "ଦକ୍ଷତା ବିକାଶ ହେଉଛି ରୋଜଗାର ସୃଷ୍ଟି ଓ ଭବିଷ୍ୟତ ଗଠନର ମୂଳ ଆଧାର। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଯୁବପିଢ଼ିଙ୍କ ଶିଳ୍ପ-ଉପଯୋଗୀ ଦକ୍ଷତା ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦିଆଯାଉଛି। ୨୦୨୫-୨୬ ଶିକ୍ଷାବର୍ଷରେ ପ୍ଲେସମେଣ୍ଟ ପାଇଥିବା ଆମ ପ୍ରତିଷ୍ଠାନର ସବୁ ଛାତ୍ରଛାତ୍ରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଅନ୍ୟପଟେ ଦେଶ ଭିତରେ ପ୍ଲେସମେଣ୍ଟ କ୍ଷେତ୍ରରେ ମଧ୍ୟ ପ୍ରତିଷ୍ଠାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମୋଟ ୨,୧୫୮ ଜଣ ଶିକ୍ଷାର୍ଥୀ ଭାରତର ବିଭିନ୍ନ ଅଗ୍ରଣୀ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ହାରାହାରି ବାର୍ଷିକ ବେତନ ୩ ଲକ୍ଷ ଟଙ୍କା ରହିଥିବାବେଳେ ସର୍ବାଧିକ ପ୍ୟାକେଜ୍ ବାର୍ଷିକ ୫.୮୫ ଲକ୍ଷ ଟଙ୍କା ରହିଛି। ଏହି ପ୍ଲେସମେଣ୍ଟ ପ୍ରକ୍ରିୟାରେ ମୋଟ ୮୩ଟି କମ୍ପାନି ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୮ଟି କମ୍ପାନି ୩ ଲକ୍ଷ ଟଙ୍କାରୁ ଅଧିକ ବାର୍ଷିକ ପ୍ୟାକେଜ୍ ପ୍ରଦାନ କରିଥିଲେ।

ସେହିପରି ଓଡ଼ିଶା ମଧ୍ୟରେ ମୋଟ ୧,୧୩୪ ଜଣ ଶିକ୍ଷାର୍ଥୀ ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ? ମାଧ୍ୟମରେ ନିଯୁକ୍ତି ପାଇଛନ୍ତି। ୧୪୦ଟି କମ୍ପାନି ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସ୍କୁଲ ଅଫ୍ ଇଞ୍ଜିନିୟରିଂର ୭୯୩ ଜଣ ଛାତ୍ରଛାତ୍ରୀ ନିଯୁକ୍ତି ପାଇଥିବାବେଳେ ସର୍ବାଧିକ ପ୍ୟାକେଜ୍ ବାର୍ଷିକ ୪.୩୭ ଲକ୍ଷ ଟଙ୍କା ରହିଛି। ସେହିପରି ସ୍କୁଲ ଅଫ୍ ସର୍ଭିସେସ୍ ?ର ୩୪୧ ଜଣ ଶିକ୍ଷାର୍ଥୀଙ୍କ ନିଯୁକ୍ତି ହୋଇଥିବାବେଳେ ସର୍ବାଧିକ ପ୍ୟାକେଜ୍ ବାର୍ଷିକ ୩ ଲକ୍ଷ ଟଙ୍କା ରହିଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ଏହି ସଫଳତା ପଛରେ ଶିଳ୍ପ କ୍ଷେତ୍ର ସହ ସୁଦୃଢ଼ ଭାଗୀଦାରି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ - ଜାମନଗର, ମାଇକ୍ରନ୍ ସେମିକଣ୍ଡକ୍ଟର ଟେକ୍ନୋଲୋଜି ଇଣ୍ଡିଆ, ଜେଏଲକେ ଅଟୋମେସନ୍, କେଏସପିଜି ଅଟୋମୋଟିଭ୍ ଏବଂ ୱାବଟେକ୍ (ଫାଇଭେଲି ଟ୍ରାନ୍ସପୋର୍ଟ) ଭଳି ଅଗ୍ରଣୀ ସଂସ୍ଥା ସହ ସହଯୋଗ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିଳ୍ପର ଆବଶ୍ୟକତା ଅନୁରୂପ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଡକ୍ଟର ଶୁଭଙ୍ଗ କିଶୋର ଦାସ କହିଛନ୍ତି, "ପ୍ରତ୍ୟେକ ନିଯୁକ୍ତି ଜଣେ ଯୁବକ କିମ୍ବା ଯୁବତୀଙ୍କ ପାଇଁ ଏକ ନୂତନ ସମ୍ଭାବନାର ଦ୍ୱାର ଖୋଲିଥାଏ। ଗୁଣାତ୍ମକ ପ୍ରଶିକ୍ଷଣ, ଶିଳ୍ପ ସହଯୋଗ ଓ ନବସୃଜନମୂଳକ ଶିକ୍ଷା ପଦ୍ଧତି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ର ନିରନ୍ତର କାର୍ଯ୍ୟ କରୁଛି। ନିଯୁକ୍ତି ପାଇଥିବା ଆମ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ନିଜ ନିଜ କର୍ମକ୍ଷେତ୍ରରେ ଅନେକ ସଫଳତା ପାଇବେ, ଏହା ମୋର ବିଶ୍ୱାସ। ଦକ୍ଷତା ବିକାଶ, ଶିଳ୍ପ ସହ ଭାଗୀଦାରି ଏବଂ ରୋଜଗାରମୁଖୀ ଶିକ୍ଷାକୁ ଆଧାର କରି ବିଶ୍ୱ ଦକ୍ଷତା କେନ୍ଦ୍ର ଯୁବପିଢ଼ିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତାର ସୁଯୋଗ ପ୍ରଦାନ କରୁଛି। ଏହାସହ ପ୍ରତିଷ୍ଠାନ ରାଜ୍ୟକୁ ଦକ୍ଷ ମାନବ ସମ୍ବଳର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

## ଟିପିଏସ୍‌ଓଡିଏଲ ତରଫରୁ ସୋନାପୁର ବେଳାଭୂମିରେ ସଫେଇ ଅଭିଯାନ

**ବ୍ରହ୍ମପୁର, ୨୬।୬ (ନି.ପ୍ର):** ପରିବେଶ ସଂରକ୍ଷଣ ଏବଂ ସମାଜ କଲ୍ୟାଣ ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଗାମ ଜିଲ୍ଲାସ୍ଥିତ ସୋନାପୁର ବେଳାଭୂମିରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରିଛି। ଯାହା କମ୍ପାନୀ ତରଫରୁ ଚାଲୁ ରହିଥିବା ଟାଟା ସଷ୍ଟେନେବିଲିଟି ମାସ ଅଭିଯାନ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ। ବନ ବିଭାଗ ସହାୟତାରେ କମ୍ପାନୀ ଏହି ସଫେଇ କାର୍ଯ୍ୟକ୍ରମ କରିଛି। ପରିବେଶ ସଂରକ୍ଷଣ ପ୍ରତି ନିଜର ଦାୟିତ୍ୱବୋଧକୁ ଦର୍ଶାଇ କମ୍ପାନୀର ବିଭିନ୍ନ ବିଭାଗର ୧୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏହି ସଫେଇ ଅଭିଯାନରେ ଯୋଗ ଦେଇଥିଲେ। ଯାହା ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଥିବା କମ୍ପାନୀର ସାମୂହିକ ଦାୟିତ୍ୱକୁ ଦର୍ଶାଉଛି। ଏହି ଅଭିଯାନରେ ସାମିଲ ହୋଇ ଟିପିଏସ୍‌ଓଡିଏଲର କର୍ମଚାରୀମାନେ ମିଳିତ ଭାବେ ୨୫୦କି.ଗ୍ରାରୁ ଅଧିକ ଆବର୍ଜନା ସଂଗ୍ରହ କରିଛନ୍ତି। ସମଗ୍ର ସୋନାପୁର ବେଳାଭୂମି ଅଞ୍ଚଳରେ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସୋନାପୁର ବେଳାଭୂମିର ସୁନ୍ଦରତାକୁ ବଜାଏ ରଖିବା ଦିଗରେ କମ୍ପାନୀର ଏହି ଉଦ୍ୟମ ବିଶେଷ ଭାବରେ ସହାୟକ ହୋଇଛି। ଏହି କାର୍ଯ୍ୟକ୍ରମ ସମୟରେ କର୍ମଚାରୀମାନେ ସୋନାପୁର ବେଳାଭୂମି ପରିଦର୍ଶନରେ ଆସୁଥିବା ସ୍ଥାନୀୟ ସମୁଦାୟଙ୍କୁ ସଚେତନ କରାଇଥିଲେ। ସଚେତନତା ମୂଳକ କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁର ସୁପରିଚାଳନା, ପ୍ଲାଷ୍ଟିକର ବ୍ୟବହାର ହ୍ରାସ ଏବଂ ସାମୁଦ୍ରିକ ଜୀବ ଓ ଉପକୂଳ ପରିବେଶର ସୁରକ୍ଷା ଓ ସଂରକ୍ଷଣ ବାବଦରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଏ ସମ୍ପର୍କରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, 'ପରିବେଶ ସୁରକ୍ଷା କେବଳ ଏକ ଯୋଜନା ବା ପ୍ରକଳ୍ପ ନୁହେଁ, ଏହା ବ୍ୟକ୍ତିଗତ ଦାୟିତ୍ୱ, ଯାହା ସାମୂହିକ ଉଦ୍ୟମରେ ହାସଲ କରାଯାଇପାରିବ। ବେଳାଭୂମି ଓ ଉପକୂଳବର୍ତ୍ତୀ ପରିବେଶ, ଜାତୀୟ ସମ୍ପଦ ଅଟେ। ତେଣୁ ପରବର୍ତ୍ତୀ ପିଢି ପାଇଁ ଏହାର ସଂରକ୍ଷଣ ଏକା' ଆବଶ୍ୟକ। ପରିବେଶ ସଫେଇ ଭଳି ପଦକ୍ଷେପ ମାଧ୍ୟମରେ ଆମେ କମ୍ପାନୀର କର୍ମଚାରୀ ତଥା ସମାଜର ସବୁ ବର୍ଗର ଲୋକଙ୍କୁ ପରିବେଶ ସଂରକ୍ଷଣ ଓ ସବୁଜ ପୃଥିବୀ ଗଠନ ପ୍ରତି ସଚେତନ କରୁଛୁ।




କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସୋନାପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ସାମିଲ ହୋଇଛଁ। ଏହି ସଫେଇ ଅଭିଯାନ ଟିପିଏସ୍‌ଓଡିଏଲର ସ୍ଥାୟୀ ବିକାଶ ଏବଂ ସାମୁଦାୟିକ ସହଭାଗିତା ପ୍ରତି ଥିବା ନିର'ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀ କର୍ମଚାରୀଙ୍କ ମଧ୍ୟରେ ପରିବେଶ ସଂରକ୍ଷଣର ଭାବନା ବଢ଼ାଇବା ସହ ଦକ୍ଷିଣ ଓଡ଼ିଶାକୁ ଆହୁରି ସବୁଜ , ସୁନ୍ଦର ଓ ସୁରକ୍ଷିତ କରିବାର ଲକ୍ଷ୍ୟ ରଖିଛି।

## ଅଜିମ ପ୍ରେମଜୀ ୟୁନିଭରସିଟି ଡେଭେଲପମେଣ୍ଟ ଲିଡରସିପ୍ ୨୦୨୭ରେ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ନାମଲେଖା ଉନ୍ମୁକ୍ତ

**ବେଙ୍ଗାଲୁରୁ, ୨୬।୬ (ନି.ପ୍ର):** ଅଜିମ ପ୍ରେମଜୀ ୟୁନିଭରସିଟି, ବେଙ୍ଗାଲୁରୁ ଡେଭେଲପମେଣ୍ଟ ଲିଡରସିପ୍ ପ୍ରୋଗ୍ରାମରେ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ଉନ୍ମୁକ୍ତ କରିଛି। ୧୧-ମାସ ଅବଧିର ପାର୍ଟ-ଟାଇମ୍ ଡିପ୍ଲୋମା ପାଠ୍ୟକ୍ରମ ସାମାଜିକ କ୍ଷେତ୍ରରେ ନିୟୋଜିତ ଥିବା ଏବଂ ବିକାଶମୂଳକ ବିଧିବ୍ୟବସ୍ଥା, ନାଗରିକ ସମାଜର ସୂକ୍ଷ୍ମତା ଏବଂ ସାଂଗଠନିକ ସଂସ୍କୃତି ଉପରେ ସେମାନଙ୍କର ଦୃଷ୍ଟିକୋଣ ଅଧିକ ଶାଣିତ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଡିଜାଇନ କରାଯାଇଛି। ଏହି ପାଠ୍ୟକ୍ରମ ବିକାଶ ନେତୃତ୍ୱଗଣ ସମାବେଶୀ ଟିମ୍ ଏବଂ ସଂଗଠନଗୁଡ଼ିକର ନେତୃତ୍ୱ ନେବାକୁ ଆବଶ୍ୟକ କରୁଥିବା ଅନ୍ତର୍ଦୃଷ୍ଟି ପ୍ରଦାନ କରୁଛି। ଅଂଶଗ୍ରହଣକାରୀମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ସମୟରେ ସେମାନଙ୍କର ପ୍ରଚଳିତ କାର୍ଯ୍ୟ ଓ ନିଯୁକ୍ତି ଜାରି ରଖିପାରିବେ। ଏହା ତିନିଟି ମିଆଦରେ ଅନ୍-କ୍ୟାମ୍ପସ ଏବଂ ଅନ୍‌ଲାଇନ ଶିକ୍ଷା ଆହରଣର ଏକ ମିଶ୍ରିତ ସୁଯୋଗ ଯୋଗାଇ ଦେଉଛି। ୨୦୨୭ ନାମଲେଖା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ତାରିଖଗୁଡ଼ିକ: ଆବେଦନ କରିବାର ଶେଷ ତାରିଖ ଅକ୍ଟୋବର ୧୧, ୨୦୨୬, ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ଅକ୍ଟୋବର-ନଭେମ୍ବର ୨୦୨୬ରେ କରାଯିବ।

ନିଜ ସଂସ୍ଥାଗୁଡ଼ିକରେ ନେତୃତ୍ୱକାରୀ ଭୂମିକାରେ କାର୍ଯ୍ୟ କରୁଥିବା ଅଥବା ଶୀଘ୍ର ସେହିଭଳି ଭୂମିକା ନେବାର ସମ୍ଭାବନା ଥିବା ଏବଂ ଆଠ ଅଥବା ତଦୂର୍ଦ୍ଧ୍ୱ ବୟସର ଅଭିଜ୍ଞତା ରହିଥିବା ମଧ୍ୟମରୁ ବରିଷ୍ଠ-ସ୍ତରର ବୃତ୍ତିଧାରୀଙ୍କ ନିମନ୍ତେ ଏହି ପାଠ୍ୟକ୍ରମ ଡିଜାଇନ କରାଯାଇଛି। ଏନଜିଓ, ସାମାଜିକ ଆନ୍ଦୋଳନ ଏବଂ ତୃଣମୂଳ ସ୍ତରର ସଂଗଠନଗୁଡ଼ିକରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଏହା ଉନ୍ମୁକ୍ତ ରହିଛି। ଏହି ପାଠ୍ୟକ୍ରମ ଅଂଶଗ୍ରହଣକାରୀଙ୍କୁ ଐତିହାସିକ ପ୍ରକ୍ରିୟା ଗୁଡ଼ିକରେ ସେମାନଙ୍କର ଦୃଷ୍ଟିକୋଣ ଏବଂ ଭାରତରେ ବିକାଶମୂଳକ ବାସ୍ତବତାଗୁଡ଼ିକୁ ରୂପ ଦେଉଥିବା ଜୀବନର ଅନୁଭୂତିଗୁଡ଼ିକୁ ଅଧିକ ଶାଣିତ କରିବାରେ ସହାୟତା କରିବ ଯାହା ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ସେମାନଙ୍କୁ ଅଧିକ ଭଲ ଭାବରେ ସୂଚିତ କରିବ। ଏଥିସହିତ ଏହା ବିକଳ୍ପ ବିକାଶ ଆଭିମୁଖ୍ୟ ଏବଂ ସମାନତା, ନ୍ୟାୟ ଓ ଦୀର୍ଘସ୍ଥାୟୀତାକୁ ପ୍ରୋତ୍ସାହିତ କରୁଥିବା ଫଳାଫଳ ସମ୍ପର୍କରେ ପରିକଳ୍ପନା କରିବାରେ ସହାୟକ ହେବ। ଏହା ମଧ୍ୟ ସମାବେଶୀ, ଗ୍ରହଣୀୟ ଏବଂ ସହଭାଗୀ ସଂଗଠନଗୁଡ଼ିକ ନିର୍ମାଣ କରିବାକୁ ନେତୃତ୍ୱକାରୀ ସାମର୍ଥ୍ୟକୁ ସୁଦୃଢ଼ କରିବ। ଏସବୁ ସହିତ ଆର୍ଥିକ ପରିଚାଳନା, ଯୋଗାଯୋଗ ଏବଂ ତଥ୍ୟ ବିଶ୍ଳେଷଣ ନିମନ୍ତେ ଏହା ସାମର୍ଥ୍ୟରେ ବୃଦ୍ଧି ଘଟାଇବ। ଆରିମା ମିଶ୍ର, ଡାଇରେକ୍ଟର, ସ୍କୁଲ ଅଫ ଡେଭେଲପମେଣ୍ଟ କହିଥିଲେ, 'ଏହି ପାଠ୍ୟକ୍ରମ ସଂପୃକ୍ତ କ୍ଷେତ୍ରରେ ରହିଥିବା ମଧ୍ୟ-କ୍ୟାରିୟର ଏବଂ ବରିଷ୍ଠ ବୃତ୍ତିଧାରୀଙ୍କୁ ସେମାନଙ୍କର ସାଂଗଠନିକ ଅନୁଭୂତିକୁ ବିକାଶର ବୃହତ୍ତର ଦୃଷ୍ଟିକୋଣରୁ ପ୍ରତିଫଳିତ ତଥା ଅବସ୍ଥିତ କରାଇବାକୁ ସୁଯୋଗ ଦେବ। ଏହା ସେମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଅଧିକ ଭଲ ଭାବରେ ସୂଚିତ କରିବା ଏବଂ ନେତୃତ୍ୱ ନେବାର କ୍ଷମତାର ପରିସୀମାକୁ ପରିବ୍ୟାପ୍ତ କରିବାରେ ସହାୟକ ହେବ। ଅଜିମ ପ୍ରେମଜୀ ୟୁନିଭରସିଟି ଶିକ୍ଷା ଓ ସାମାଜିକ ବିକାଶ କ୍ଷେତ୍ରରେ କାର୍ଯ୍ୟରତ ବୃତ୍ତିଧାରୀଙ୍କ ନିମନ୍ତେ ଅନେକ ସାର୍ଟିଫିକେଟ ଓ ପିଜି ଡିପ୍ଲୋମା ପାଠ୍ୟକ୍ରମ ଯୋଗାଇ ଦେଉଛି।

## ଓଡ଼ିଶାରେ ଜିଓଏୟାରଫାଇବର ଉପଭୋକ୍ତା ସଂଖ୍ୟା ୪ ଲକ୍ଷ ଟପିଲା

**ଭୁବନେଶ୍ୱର, ୨୬।୬ (ନି.ପ୍ର)** : ଓଡ଼ିଶାର ଏକ ନମ୍ବର ତଥା ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ରିଲାଏନ୍ସ ଜିଓ ଏହାର ପ୍ରାଧାନ୍ୟ ଜାରି ରଖି, ଚଳିତ ବର୍ଷ ମଇ ମାସରେ ରାଜ୍ୟରେ ୧ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଜିଓ ମଇ ମାସରେ ୯୪୦୦୦ରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୧୩୫୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଯୋଡ଼ିଛି। ବାସ୍ତବରେ, ଜିଓ ମଇ ମାସରେ ଓଡ଼ିଶାରେ ମୋବାଇଲ୍ ଉପଭୋକ୍ତା ଯୋଡିଥିବା ଏକମାତ୍ର ଡିଜିଟାଲ ସେବା ପ୍ରଦାନକାରୀ ହୋଇଥିବାବେଳେ ଅନ୍ୟମାନେ ସେହି ମାସରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ମଇ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୪୯୦୦୦ ରୁ ଅଧିକ ବୃଦ୍ଧି ପାଇବା ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୩.୮୪ କୋଟିକୁ ବୃଦ୍ଧି ପାଇଛି।

ସାରା ରାଜ୍ୟରେ ଜିଓଏୟାରଫାଇବରର ଅପାର ଲୋକପ୍ରିୟତା ବଳରେ ଜିଓ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରି ମଇ ମାସରେ ଓଡ଼ିଶାରେ ୧୩୫୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଯୋଡିଛି। ଏହା ସହିତ, ଜିଓ ଓଡ଼ିଶାରେ ଦୂରସଂଚାର କ୍ଷେତ୍ରର ସମସ୍ତ ତିନୋଟି ବର୍ଗ - ୱାୟାରଲେସ୍, ୱାୟାରଲାଇନ୍ ଏବଂ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଛି। ରାଜ୍ୟର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ, ମଇ ମାସ ଶେଷ ସୁଦ୍ଧା ଜିଓର ସର୍ବାଧିକ ୧ କୋଟି ୮ ଲକ୍ଷରୁ ଅଧିକ ମୋବାଇଲ୍ ଉପଭୋକ୍ତା, ୩ ଲକ୍ଷ ୭୭ ହଜାରରୁ ଅଧିକ ଜିଓଫାଇବର ଉପଭୋକ୍ତା ଏବଂ ୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଉପଭୋକ୍ତା ରହିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାଂ ଅଞ୍ଚଳଗୁଡ଼ିକରେ ହଜାର ହଜାର ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଇ ଜିଓ ସେମାନଙ୍କ ଘରପାଖରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ




କରାଇଛି। ଟ୍ରାଇ ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ ଜିଓ ମଇ ମାସରେ ୨୧.୫ ଲକ୍ଷ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୪ ଲକ୍ଷରୁ ଅଧିକ ନୂତନ ଜିଓଏୟାରଫାଇବର ଉପଭୋକ୍ତା ଯୋଡ଼ିଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ପ୍ରଥମ ନୀତି ସହିତ, ଜିଓ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗେଇ ନେଉଛି। ନିକଟରେ କମ୍ପାନୀ ଏକ ନୂତନ ୨୦୦ ଟଙ୍କା ମୂଲ୍ୟର ଜିଓ ଓଟିଟି ପାସ୍ ପ୍ରଚଳନ କରିଛି ଯାହା ସୁଲଭ ମୂଲ୍ୟରେ ୧୫ଟି ପ୍ରିମିୟମ୍ ଓଟିଟି ଆପ୍, ଜିଓଟିଭିରେ ୧,୦୦୦ ରୁ ଅଧିକ ଲାଇଭ୍ ଟିଭି ଚାନେଲ, ୩୦ ଜିବି ହାଇ-ସ୍ପିଡ୍ ଡାଟା ଏବଂ ଉପଭୋକ୍ତାଙ୍କ ମୂଳ ପ୍ଲାନ୍ ବୈଧତା ଅବଧି ଯାଏଁ ଅସୀମିତ ୫ଜି ସୁବିଧା ପ୍ରଦାନ କରୁଛି। ୨୮-ଦିନର ପ୍ୟାକ୍ ବୈଧତା ରହିଥିବା ଏହି ଓଟିଟି ପାସରେ ୟୁଟ୍ୟୁବ ପ୍ରିମିୟମ, ଜିଓ ହଟଷ୍ଟାର ମୋବାଇଲ + ହଲିଉଡ, ପ୍ରାଇମ ଭିଡିଓ ମୋବାଇଲ ଏଡିସନ ସମେତ ଜିଓଟିଭି ମାଧ୍ୟମରେ ଉପଲବ୍ଧ ୧୨ଟି ଅତିରିକ୍ତ ଓଟିଟି ସୋନି ଲିଭ, ଜିଫାଇଭ, ଲାୟନ୍ସଗେଟ ପ୍ଲେ, ଡ଼ିସକଭରୀ ପ୍ଲସ, ସନ ନେକ୍ସଟ, ଫ୍ୟାନକୋଡ, ତରଙ୍ଗ ପ୍ଲସ, କଞ୍ଚା ଲଙ୍କା, ପ୍ଲାନେଟ ମରାଠୀ, ଚଉପାଲ, ହୋଇଚୋଇ ଏବଂ ଟାଇମ୍ସ ପ୍ଲେ, ମଧ୍ୟ ଉପଲବ୍ଧ ରହିଛି।

## ମୋ ଯୁବ ଭାରତ ପକ୍ଷରୁ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ

**ଗଞ୍ଜାମ /ଛତ୍ରପୁର, ୨୬।୬ (ନି.ପ୍ର):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମୋ ଯୁବ ଭାରତ ପକ୍ଷରୁ ଗଞ୍ଜାମ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବ୍ଲକ ଅନ୍ତର୍ଗତ ଲଣ୍ଡା ବାଉଁଶ ଦିଗ ବିଜୟୀ ଓ ରାଜନାପଲ୍ଲୀ ଗ୍ରାମର ଶ୍ରୀ ରାଧାକୃଷ୍ଣ ଯୁବକ ସଙ୍ଘରେ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଥିଲା। ଦିଗଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼ ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୋ ଯୁବ ଭାରତ ଅନୁଷ୍ଠାନ ର ଜିଲ୍ଲା ସଂଯୋଜକ ସଙ୍କେତ ମିନା ଯୋଗଦେଇ ନିଶାମୁକ୍ତ ଭାରତର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଉଭୟ ଯୁବକ ସଙ୍ଘକୁ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥିଭାବେ ୟୁଥ ଫର ଭିଲେଜ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡ୍ଡି ଯୋଗଦେଇ ସୁସ୍ଥ ମାନବ ସମାଜ ଗଠନ କରିବାକୁ ହେଲେ ଯୁବ ସମାଜ ନିଶା ଠାରୁ ଦୁରେଇ ରହିବା ଜରୁରୀ ବୋଲି ଉପସ୍ଥିତ ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ।

# କୁଶଙ୍ଗ ଧାନମଣ୍ଡିକୁ ଅଚାନକ ପରିଦର୍ଶନ କଲେ ନରସିଂହ

## ⬢ଖୋଲା ଆକାଶ ତଳେ ପଡିଛି ଶହ ଶହ ବସ୍ତା ଧାନ, ଟୋକନ ଅଛି, ଟାର୍ଗେଟ ନାହିଁ

## ⬢ଜଳଜଳ ଦିଶୁଛି ଅଭାବି ବିକ୍ରି ପାଇଁ ଚାଷୀ ହନ୍ତସନ୍ତ : ନରସିଂହ



ବଲାଙ୍ଗିର, ତା.୨୬.୦୬.୨୬ - ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ତାଙ୍କ ପୂର୍ବତନ ନିର୍ବାଚନ ମଣ୍ଡଳି ଲୋଇସିଂହା ଗସ୍ତ ସମୟରେ ଅଚାନକ ଚାଷୀଙ୍କ ଅଭିଯୋଗ ପାଇ କୁଶଙ୍ଗ ସ୍ଥିତ କୁଶଙ୍ଗ ପ୍ରାଥମିକ କୃଷି ସମବାୟ ସେବା ସମିତି ଲିଃ (ଧାନ ମଣ୍ଡି) କୁ ପରିଦର୍ଶନ ରେ ଯାଇଥିଲେ । ସେଠାକାର ଅବସ୍ଥା ଯାହା ଥିଲା ଶ୍ରୀ ମିଶ୍ର ସେ ସବୁ କୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ଧାନ କିଣା ଠିକ୍ ଠିକ୍ ଚାଲିଛି ବୋଲି କହୁଥିବା ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭୁଆଁ ବୁଲାଉଛନ୍ତି ବୋଲି ଏହି ପରିଦର୍ଶନରେ ଜଣାପଡିଥିଲା । ଏହି ମଣ୍ଡିରେ ପଞ୍ଜିକୃତ ଚାଷିମାନେ ୧୫ହଜାର ୭୦୦ କ୍ୱିଣ୍ଟାଲ ଧାନ ବିକିବା ପାଇଁ ଟୋକନ ଇସୁ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ମାତ୍ର ୯ହଜାର ୭୦୦ କ୍ୱିଣ୍ଟାଲ ଧାନ ଉଠାଇବା ପାଇଁ ଟାର୍ଗେଟ ଆସିଛି । ବାକି ରହିଯାଇଥିବା ପାଖାପାଖି ୬ହଜାର କ୍ୱିଣ୍ଟାଲ ଧାନ ପାଇଁ ଟୋକନ ପାଇଥିଲେ ହେଁ ଟାର୍ଗେଟ ଆସି ନ ଥିବାରୁ ଚାଷୀମାନଙ୍କ ଧାନ ବିକ୍ରି ହୋଇପାରୁନାହିଁ । ଏଥିରୁ ସ୍ପଷ୍ଟ ଭାବେ ଜଳ ଜଳ ହୋଇ ଦିଶୁଛି ଯେ ଚାଷୀମାନଙ୍କ ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଥିବା ସରକାର ରେ ଚାଷୀମାନେ ଅଭାବି ବିକ୍ରି ଶିକାର ହେଉଛନ୍ତି ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ସେ କହିଛନ୍ତି ଯେ ୧୫ହଜାର ୭୦୦ କ୍ୱିଣ୍ଟାଲ ଧାନ ପାଇଁ ଏହି ମଣ୍ଡିରେ ପର୍ଯ୍ୟାପ୍ତ ଭିତ୍ତିଭୂମି ର ବ୍ୟବସ୍ଥା ର ସରକାର କରି ପାରିନାହାନ୍ତି । ଏହି ଦୁଇ ତିନି ଦିନ ବର୍ଷାରେ ଶହ ଶହ ବସ୍ତା ଧାନ ଖୋଲା ଆକାଶ ତଳେ ଥିବାରୁ ସମ୍ପୂର୍ଣ୍ଣ ଭିଜି ନଷ୍ଟ ହୋଇଯାଉଛି ତେଣୁ ସେଠାରେ ଉପସ୍ଥିତ ଚାଷୀମାନେ ଆଉ ଏକ ଛାଉଣି ର ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି । ତା ସହ ସମ୍ପୂର୍ଣ୍ଣ ମଣ୍ଡି ଏରିଆକୁ ସମତଳ କରି କଂକ୍ରିଟ କରିଦେଲେ ଚାଷୀମାନଙ୍କ ଧାନ ନଷ୍ଟ ହେବାରୁ ରକ୍ଷା ହୋଇପାରିବ ବୋଲି ଲୋକ ଶ୍ରୀ ମିଶ୍ରଙ୍କ ଆଗରେ ଦାବି କରିଛନ୍ତି । ଏ ସବୁ ସମସ୍ୟାକୁ ନେଇ ତୁରନ୍ତ ଶ୍ରୀ ମିଶ୍ର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ ଆଲୋଚନା କରିଥିଲେ । ଚାଷୀ ଭୋଗୁଥିବା ସମସ୍ୟା ମୁଖ୍ୟତଃ ଟାର୍ଗେଟ କାହିଁକି ଆସୁନାହିଁ ବୋଲି ପ୍ରଶ୍ନ କରିଥିଲେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାର ଦିନେ ଦୁଇ ଦିନ ଭିତରେ ଟାର୍ଗେଟ ଆସିଯିବ ତେଣୁ କୁଶଙ୍ଗର ଚାଷୀମାନେ ଭୋଗୁଥିବା ସମସ୍ୟା ଶିଘ୍ର ସମାଧାନ ହେଇଯିବ ବୋଲି ପୂର୍ବତନ ଆଇନମନ୍ତ୍ରୀଙ୍କୁ ପ୍ରତିଶୃତି ଦେଇଥିଲେ । ତା ସହ ବର୍ଷା ପାଣିରୁ ରକ୍ଷା ପାଇବା ପାଇଁ ନୂତନ ପିଣ୍ଡି ସହ ଛାଉଣି ଏବଂ ନୂତନ ଅଫିସ ଗୃହ ନିର୍ମାଣ ଦିଗରେ ଶିଘ୍ର ପଦକ୍ଷେପ ନେବେ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିର୍ଭର ପ୍ରତିଶୃତି ଦେଇଥିଲେ । ଆଜିର ଏହି ପରିଦର୍ଶନ ସମୟରେ ଶଙ୍କର ପୃଷ୍ଟି, ସୁରେଶ କୁମାର ପଟେଲ, ଶୁଶାନ୍ତ ପଟେଲ, ଗୌନ୍ତିଆ ବୃନ୍ଦାବନ ପଟେଲ, ଯଦୁମଣି ପ୍ରଧାନ, ସମବାୟ ସମିତି ସଭାପତି ସୋମନାଥ ପଟେଲ ଙ୍କ ସମେତ ଅଂଚଳର ଚାଷୀମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ଛେଣ୍ଡିପଦା - ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଲୋକସଭା ଲୋକପ୍ରିୟ ସାଂସଦ ତଥା କେନ୍ଦ୍ର ସରକାରଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମ ବାର୍ଷିକ ପାଳିତ ହୋଇଯାଇଛି ।ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଜନପ୍ରିୟ ବିଧାୟକ ଅଗସ୍ତି ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କ ଗହଣରେ ଯଥାବିଧି ଜନ୍ମ ବାର୍ଷିକ ପାଳନ କରାଯାଇଥିଲା। ଏଥିସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୀର୍ଘାୟୁ କାମନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପାର୍ଟିର ନୀତି ଆଦର୍ଶ ଓ ସେବା ମୂଳକ କାର୍ଯ୍ୟକ୍ରମ ସ୍ୱରୂପ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ପ୍ରାୟ ୧୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଅନୁଗୋଳ ରେଡକ୍ରସ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ସମସ୍ତ ପଦାଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ଶିବିର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ କୁମାର ଗଡ଼ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ପାଦ ବେହେରା , ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା , ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକ , ବଅଁରପାଳ ବ୍ଲକ ବିଧାୟକ ଙ୍କ ପ୍ରତିନିଧି ସରୋଜ କୁମାର ଦେବତା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ ,ଏସ ସି ମୋର୍ଚ୍ଚା ସଦସ୍ୟ ଭୋଲେଶ୍ୱର୍ ଗୋଚ୍ଛାୟତ , ଏସ ଟି ମୋର୍ଚ୍ଚା ସଦସ୍ୟ ଆଲୋକ ଦଣ୍ଡ ପାଟ ଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ, ସମର୍ଥକ ଏବଂ ଶୁଭେଚ୍ଛୁ ଯୋଗ ଦେଇଥିଲେ ।



# ଭତ୍ତା ବଣ୍ଟା ବିଳମ୍ବ ନେଇ ସରକାରଙ୍କୁ ଟାର୍ଗେଟ୍ କଲେ ପ୍ରଦୀପ ମାଝୀ

ନବରଙ୍ଗପୁର, ୨୬।୬(ନି.ପ୍ର.): ତିନି ମାସ ରୁ ଉର୍ଦ୍ଧ୍ୱ ସମୟ ଧରି ଭତ୍ତା ବଣ୍ଟା ବିଳମ୍ବ ତଥା ନୂତନ ପେନସନ ବ୍ୟବସ୍ଥା କୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ବିଜେଡି ନେତା ପ୍ରଦୀପ ମାଝୀ । ପେନସନ




ବନ୍ଦ ହେବା ଦ୍ୱାରା ଉପୁଜିଥିବା ପାରିବାରିକ ସମସ୍ୟା କୁ ନେଇ ନବରଙ୍ଗପୁର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାର ଉପରେ ବର୍ଷିଛନ୍ତି ପ୍ରଦୀପ ମାଝୀ । ପ୍ରଦୀପ ଙ୍କ ଅଭିଯୋଗ ଅନୁସାରେ ଗତ ତିନି ମାସ ଧରି ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭଳି ଅନେକ ଭତ୍ତା ବନ୍ଦ ହୋଇଯାଇଛି । ଯାହାକୁ ନେଇ ରାଜ୍ୟ ରେ ଅନେକ ପେନସନ ହିତାଧିକାରୀ ଅସୁବିଧା ରେ ରହୁଛନ୍ତି। ପେନସନ ପାଇଁ ଗଞ୍ଜାମ ଜିଲ୍ଲା ରେ ଜଣେ ହିତାଧିକାରୀ ଆତ୍ମହତ୍ୟା କରିଥିବା ଘଟଣା କୁ ତୀବ୍ର ନିନ୍ଦା କରିଛନ୍ତି ପ୍ରଦୀପ ମାଝୀ।ନବରଙ୍ଗପୁର ଜିଲ୍ଲାରେ ୧୭୧୩୦ ଜଣ ବିଧବା ଭତ୍ତା ୧୬୫୬ ଦିବ୍ୟାଙ୍ଗ ଭତ୍ତା ଓ ୫୦୮୦୧ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି।ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ରା ବେତଝରଣ ଗାଁ ର ସବିତା ବିଷୋୟୀ ତିନି ମାସ ଧରି ପେନସନ ନପାଇ ବହୁ ଅସୁବିଧା ରେ ରହିଥିବା କହିଛନ୍ତି। ସବିତା ଙ୍କ ସ୍ୱାମୀ ପଦ୍ମନ ବିଷୋୟୀ ଦଶ ବର୍ଷ ପୂର୍ବ ? ମୃତ୍ୟୁ ବରଣ କରିଥିଲେ ସେ ସରକାର ଙ୍କ ପଂଚାୟତ ରାଜ ବିଭାଗ ରେ ଚରଙ୍ଗ ଭାବରେ ଚାକିରୀ କରୁଥିଲେ ଚାକିରୀ ସମୟରେ ତାଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଆଜି ପ୍ରଯ୍ୟନ୍ତ ତାଙ୍କୁ କୌଣସି ପେନସନ କିମ୍ବା ସରକାର ଙ୍କ ସୁବିଧା ସୁଯୋଗ ମିଳି ପାରିନାହିଁ , ବିଧବା ପେନସନ ରେ ଚଳୁଥିଲେ ତାହା ମଧ ବନ୍ଦ ହୋଇଥିବାରୁ ଅସୁବିଧା ଭୋଗୁଛନ୍ତି। ଯଦି ସାତ ଦିନ ଭିତରେ ତାଙ୍କର ପ୍ରାପ୍ୟ ନ ପାଇବେ ତାହା ହେଲେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ରେ ବସିବେ ବୋଲି କହିବା ସହ ତାଙ୍କୁ ତାଙ୍କ ପ୍ରାପ୍ୟ ମିଳିବା ପ୍ରଯ୍ୟନ୍ତ ବିଜେଡି ସବୁ ପ୍ରକାର ସାହାଯ୍ୟ କରିବ ବୋଲି ସାମ୍ବାଦିକ ସମ୍ମିଳନୀ ରେ କହିଛନ୍ତି ପ୍ରଦୀପ ମାଝୀ। ଏହି ସାମ୍ବାଦିକ ସମ୍ମିଳନୀ ରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ମହିଳା ସଭା ନେତ୍ରୀ ମଞ୍ଜୁଳା ମାଝୀ ଓ ବିଜେଡି ର ବହୁ ନେତା ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁରରେ ଜନ ସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୨୬।୬: ରାଜଗାଙ୍ଗପୁର ପୌରପରିଷଦ କମ୍ୟୁନିଟି ସେଣ୍ଟର ଠାରେ ପୌରପରିଷଦ ଆନୁକୁଲ୍ୟରେ ରାଜ୍ୟ ବ୍ୟାପୀ ସରକାରୀ ଜନ ସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନାଗରିକ ଉନ୍ନୟନ ବିଭାଗ ଙ୍କ ନିର୍ଦ୍ଦେଶନାରେ ରାଜ୍ୟ ସରକାର ଙ୍କ ବିଭିନ୍ନ ସରକାରୀ ଯୋଜନା ଉନ୍ନୟନମୂଳକ କାର୍ଯ୍ୟ ବିକାଶ ର ଧାରା ଓଡ଼ିଶା ସାରା ଲୋକାଭିମୁଖୀ ପ୍ରଶାସନ ସହରାଞ୍ଚଳ ଉନ୍ନତି ଜୀବନ ଧାରାର ରୂପାନ୍ତରଣ ମୁଖ୍ୟ ମନ୍ତ୍ରୀ ସହର ବିକାଶ ଯୋଜନା ଆମ ବସ୍ ସେବା ସଫେଇ କର୍ମୀ ଙ୍କ ମର୍ଯ୍ୟାଦା ଓ ସୁରକ୍ଷା ସ୍ୱଚ୍ଛ ସବୁଜ ସୁସ୍ଥ ସହରାଞ୍ଚଳ ଗଠନ ନାଗରିକ ଙ୍କ ନିକଟରେ ମୌଳିକ ସୁବିଧା ଓ ବିଭିନ୍ନ ଜନହିତକରି ଯୋଜନା ସମ୍ପର୍କରେ



ସୂଚନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ୯ ଜଣ ହିତାଧିକାରୀଙ୍କୁ ରାସନ୍ କାର୍ଡ PMAY Work Order ୧୨ ଜଣଙ୍କୁ ୨ ଜଣ ଗାରିମା କର୍ମଚାରୀ ଙ୍କୁ ବ୍ୟକ୍ତି ଗତ ସୁରକ୍ଷା ଉପକରଣ ୧୨୫ ଜଣଙ୍କ ମଧ୍ୟରେ ଉପସ୍ଥିତ ଥିବା ୫୫ ଜଣଙ୍କୁ ଗଇଚଣ ଚରଭୱସକ୍ଷଭ ଦିଆଯାଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୌରପରିଷଦ ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ସାଂସଦ ପ୍ରତିନିଧି ରାଜନ୍ ସୋନି ସମ୍ମାନୀତ ଅତିଥି ଭାବେ ରେଞ୍ଚର ଗୁରୁ ଚରଣ ମଣ୍ଡଳ କାଉନସିଲର ସ୍ୱ ?ତା କୁମାରୀ ଅଗ୍ରୱାଲ ସୁମନ ଶର୍ମା ସୁମିତ୍ରା ବାର୍ଲା ଗାନନ୍ଦ୍ରି ମିଞ୍ଜ ପାରୀ ତିର୍କୀ ଶିମରଣ ତନ୍ତି ଗୋବର୍ଦ୍ଧନ ତନ୍ତି ବରିଷ୍ଠ ନେତା କୁଳଦୀପ ସିଂ ଅନିତା ଭଟ୍ଟାଚାର୍ଯ୍ୟ ଡଃ ଅଇଶର୍ଯ ପାଣିଗ୍ରାହୀ କାର୍ତ୍ତିକ ମହାରଣା ହଜମ ଟୁଡୁ ପିସି ଢିଲା ମହେଶ ଗୁରୁ ଲକ୍ଷ୍ମୀ ନାରାୟଣ ରେଡ୍ଡୀ ବୀଜୟ ବେହେରା ବିଜୟ ଚାଣ୍ଡେଲ ପ୍ରଦିପ ତିୱାରୀ ଙ୍କ ଉପସ୍ଥିତି ରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ପାଳନ ହେଉଥିଲା।

# ଢେଙ୍କାନାଳ ସାଂସଦଙ୍କ ଛେଣ୍ଡିପଦା ଅଞ୍ଚଳ ଗସ୍ତ

ଛେଣ୍ଡିପଦା - ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଛେଣ୍ଡିପଦା ବ୍ଲକ ଅଞ୍ଚଳ ଗସ୍ତ କରିଥିବା ଜଣାପଡିଛି । ଗୁରୁବାର ଦିନ ଏକ ଦିନିକିଆ ଗସ୍ତରେ ସର୍ବ ପ୍ରଥମେ କୋଶଳା ଶିମିଳି ସାହି ଗ୍ରାମ ସ୍ଥିତ ଅଲେଖ ମହିମା ଆଶ୍ରମକୁ ପହଞ୍ଚି ଥିଲେ । ସେଠାରେ ମଠ ମହନ୍ତ ନବୀନ ଦାଶ, ସାଧୁ ସନ୍ଥ ଲୋଚନ ବେହେରା, ଶୁକଦେବ ନାଏକ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ସନ୍ଥ କବି ଭୀମଭୋଇ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଏହାସହ ମଠର ପରିଚାଳନା ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏଥିସହିତ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଜନସାଧାରଣ ଏବଂ ପୂର୍ବ ପରିଚିତ ନେତା କର୍ମୀ ଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରିଥିଲେ । ଏହାପରେ ଛେଣ୍ଡିପଦା ସ୍ଥିତ ବି ଜେ ପି



ପାର୍ଟି ଅଫିସ ଠାରେ ପହଞ୍ଚି ଥିଲେ ।ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା , ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା , ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ପାଦ ବେହେରା , ବରିଷ୍ଠ ନେତା ଗୋପବନ୍ଧୁ ଗଡ଼ନାୟକ ଙ୍କ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥିସହ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଓ ସାଂଗଠନିକ ସ୍ଥିତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା କରିଥିଲେ । ତେବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ପକ୍ଷରେ ଛେଣ୍ଡିପଦା ଠାରୁ ତେନ୍ତୁଲୋଇ , ବାଲିପଟ୍ଟା, ପୁଟଗାଡିଆ ,ଦୁର୍ଗାପୁର , ଜରପଡା , ପରା ଆଦି ଗ୍ରାମ ଗସ୍ତ ସମୟରେ ସ୍ଥାନୀୟ ନେତୃ ମଣ୍ଡଳୀ ସ୍ୱାଗତ ଜଣାଇବା ସହ ସାକ୍ଷାତ ଆଲୋଚନା କରିଥିଲେ । ଏହାପରେ ପରା ଗ୍ରାମର ପ୍ରଧାନ ପାଟ ସ୍ଥିତ ଅଲେଖ ମହିମା ଆଶ୍ରମ ପରିଦର୍ଶନ କରିଥିଲେ । ମଠ ମହନ୍ତ ବାବା ବାବୁଲି ଦାସ ଙ୍କ ସହ ଅନ୍ୟାନ୍ୟ ସାଧୁ ଭକ୍ତ ମାନଙ୍କ ଉପସ୍ଥିତିରେ ଆଶ୍ରମ ଉନ୍ନତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ପରେ ଆଶ୍ରମ ଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ଓଡ଼ିଶା ସୂଚନା ସେବାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ପଦନ୍ନୋତି

ଭୁବନେଶ୍ୱର, ୨୬।୬(ନି.ପ୍ର.): ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ପ୍ରକ୍ରିୟାରେ ଓଡ଼ିଶା ସୂଚନା ସେବାକ୍ୟାଡରର ୩ ଜଣ ବରିଷ୍ଠ ଉପ-ନିର୍ଦ୍ଦେଶକଙ୍କୁ ଯୁଗ୍ମ-ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି । ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଜୟଦେବ ଭବନସ୍ଥିତ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ପଦବୀରେ ଥିବା ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ଭାବେ ପଦନ୍ନୋତି ଦିଆଯାଇଛି ଏବଂ ସେ ଜୟଦେବ ଭବନ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ଦାୟିତ୍ୱ ମଧ ଅତିରିକ୍ତ ଭାବେ ତୁଲାଇବେ । ସେହିପରି ବିଭାଗର ସମ୍ବଲପୁରସ୍ଥିତଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ (ଉତରାଂଚଳ ଡିଭିଜନ)ର ଉପ-ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଶ୍ରୀମତୀ କଲ୍ୟାଣୀ ଦାଶଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ମଧ ଉତରାଂଚଳ ଉପ ନିର୍ଦ୍ଦେଶିକା ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ରାଜ୍ୟ ମୁଖ୍ୟ ଦପ୍ତରର ଉପ-ନିର୍ଦ୍ଦେଶକ (କ୍ଷେତ୍ର-୧) ଭାବେ କାର୍ଯ୍ୟରତ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ( କ୍ଷେତ୍ର) ଭାବେ ପଦନ୍ନୋତି ପ୍ରଦାନ କରାଯାଇଛି । ଓଡ଼ିଶା ସୂଚନା ସେବା ସଂଘର ସଦସ୍ୟ ସଦସ୍ୟାମାନେ ପଦନ୍ନୋତି ପାଇଥିବା ସମସ୍ତ ତିନିଜଣ ଯୁଗ୍ମ-ନିର୍ଦ୍ଦେଶିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଏହା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସହକର୍ମୀମାନେ ନୂତନ ଯୁଗ୍ମ-ନିର୍ଦ୍ଦେଶିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତରୋତର ସଫଳତା କାମନା କରିଛନ୍ତି । ସେମାନଙ୍କର ଏହି ପଦୋନ୍ନତି ବିଭାଗର କାର୍ଯ୍ୟଧାରାକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବ ବୋଲି ସଂଘ ଆଶା ପ୍ରକାଶ କରିଛି ।

# ରାଜଗାଙ୍ଗପୁର ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ

ରାଜଗାଙ୍ଗପୁର୨୬।୬(ନି.ପ୍ର.): : ରାଜଗାଙ୍ଗପୁର ବିଜୁ ରାଜ୍ୟ ରାଜପଥ ପଦା ଗ୍ରାମ ନିକଟସ୍ଥ ପୋଲ ଠାରେ ଉଦିତ ନଗର ଥାନା ଅନ୍ତର୍ଗତ ବିର୍ଜାପାଲି ଅଞ୍ଚଳର ଦୁଇ ଜଣ ବ୍ୟକ୍ତି ଓ ଜଣେ ଛୋଟ ପିଲା ନିଜ ସ୍କୁଟିରେ ରାଉରକେଲା ରୁ କୌଣସି କାମରେ ସୁନ୍ଦରଗଡ଼ ପଟେ ଯାଉଥିବା ସମୟରେ ପଦା ଗ୍ରାମ ନିକଟରେ ପଛପଟୁ ଅଜଣା ଭାରି ଯାନ ଧକ୍କାରେ ଘଟଣାସ୍ଥଳରେ ଜଣେ



ବ୍ୟକ୍ତି ଙ୍କ ଶୋଚନୀୟ ମୃତ୍ୟୁ ସହିତ ଦୁଇ ଜଣ ଆହତ ହୋଇଥିବା ସୂଚନା ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଓ ପୋଲିସ ଟିମ ଉକ୍ତ ସ୍ଥାନରେ ପହଞ୍ଚି ଆହତ ଓ ମୃତ ବ୍ୟକ୍ତି ଙ୍କୁ ଆମ୍ବୁଲାନ୍ସ ଯୋଗେ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନା ରେ ଭର୍ତ୍ତି କରାଇଥିଲେ ଦୁର୍ଘଟଣା ଘଟାଇ ଅଜଣା ଗାଡ଼ି ଜାମପାଲି ଆଡ଼କୁ ଯାଉଥିବା ଖବର ପାଇ ପୋଲିସ ଗାଡି ର ପିଛା କରିଥିଲେ ମାତ୍ର ଗଡ଼ି ର ସନ୍ଧାନ ମିଳିନଥିଲା। ଘଟଣା ପରେ ସୁନ୍ଦରଗଡ଼ ପଟ ରାସ୍ତାଟି କିଛି ସମୟ ବନ୍ଦ ଯୋଗୁଁ ଶହ ଶହ ଗାଡି ଅଟକି ଥିବା ପରିଲକ୍ଷିତ ହୋଇଥିଲା ।ଦୁର୍ଘଟଣାଗ୍ରସ୍ତ ସ୍କୁଟି ଜବତ କରି ଆଗକୁ ତଦନ୍ତ ଜାରି ରଖିଥିବା ପୋଲିସ ପକ୍ଷରୁ ସୁଚନା ଦେଇଥିଲେ।

# ଦୁଇ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

ଭୁବନେଶ୍ୱର, ୨୬।୬(ନି.ପ୍ର.): ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ବର୍ଷ ୨୦୨୩ ଏବଂ ୨୦୨୪ ପାଇଁ ଯଥାକ୍ରମେ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ସାମ୍ବାଦିକ ସମ୍ମିଳନୀରେ ସମସ୍ତ ବିଜେତା ମାନଙ୍କ ନାମ ଘୋଷଣା କରିଛନ୍ତି।

ଜୁନ୍ ୨୬ ତାରିଖରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ।ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ସର୍ବୋଚ୍ଚ ପୁରସ୍କାର ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ସମେତ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଭାମାନଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ।

୨୦୨୩ ପାଇଁ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଏବଂ ୨୦୨୪ ପାଇଁ ନମ୍ରତା ଦାସଙ୍କୁ ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ। ୨୦୨୩ ପାଇଁ ମିଳିତ ଭାବେ 'ପୁଷ୍କରା' ଓ 'ମାଇଁ ସୁଇଟ୍ ୱାଇଫ୍' ଏବଂ ୨୦୨୪ ପାଇଁ 'ଆଶ୍ରମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ୨୦୨୩ ପାଇଁ ହରିହର ମହାପାତ୍ର ଏବଂ ୨୦୨୪ ପାଇଁ ବାବୁସାନଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତା, ୨୦୨୩ ପାଇଁ ମିଳିତ ଭାବେ ନୈନା ଦାଶ ତିୱାରୀ ଓ ସୁପ୍ରିୟା ନାୟକ




ଏବଂ ୨୦୨୪ ପାଇଁ ଦେବଯାନୀ ଦେଘୁରିଆଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ, ୨୦୨୩ ପାଇଁ ପିନାକୀ ସିଂ ଓ ଶିଶିର କୁମାର ସାହୁ ଏବଂ ୨୦୨୪ ପାଇଁ ଅଶୋକ ପତିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ।୨୦୨୩ ପାଇଁ ୩୦ଟି ବର୍ଗ ଏବଂ ୨୦୨୪ ପାଇଁ ୩୦ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ।

ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିବା ସହିତ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ବିଜେତା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିଶ୍ଚିତ ଭାବରେ ଓଡ଼ିଶାରେ ଓଡ଼ିଆ ଭାଷାରେ ଉନ୍ନତ, ମୂଲ୍ୟବୋଧ ଭିତ୍ତିକ, ସାମାଜିକ ପ୍ରାସଙ୍ଗିକତା ବିଷୟ ବସ୍ତୁ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବ। ଏଥିସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଓ ସମୃଦ୍ଧିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବା ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ପ୍ରଣବ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜୁରୀ କମିଟି ଗଠନ କରାଯାଇଥିଲା। ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଣବ ଦାସଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଅତିରିକ୍ତ ଭିଡକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ମଧ୍ୟରେ ସ୍ପେଶାଲ୍ ଟ୍ରେନ୍ ଚଳାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର, ୨୬।୬(ନି.ପ୍ର.): ଯାତ୍ରୀମାନଙ୍କ ଯାତ୍ରାକୁ ସୁବିଧାଜନକ କରିବା ଏବଂ ଅତିରିକ୍ତ ଭିଡ଼କୁ ହ୍ରାସ କରିବା ପାଇଁ, ପୂର୍ବତଟ ରେଳପଥ, ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି ।ଏହା କେବଳ ଗୋଟିଏ ପାର୍ଶ୍ୱରୁ ଅର୍ଥାତ ଭୁବନେଶ୍ୱର ଠାରୁ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଯାତ୍ରା ସମାପ୍ତ କରିବ ।

ଟ୍ରେନ୍ ନମ୍ବର ୦୮୪୦୭ ଭୁବନେଶ୍ୱର-ଲୋକମାନ୍ୟ ତିଲକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ ରେ (ଶୁକ୍ରବାର) ରାତି ୧୧ :୦୦ ଘଣ୍ଟାରେ ଭୁବନେଶ୍ୱରରୁ ଛାଡିବ ଏବଂ ୨୮ ଜୁନ୍, ୨୦୨୬ ରେ ସକାଳ ୦୯:୦୦ ଘଣ୍ଟାରେ ଲୋକମାନ୍ୟ ତିଲକରେ ପହଞ୍ଚିବ ।

କୋଚ୍ ସଂରଚନା : ଏସି ୨-ଟାୟାର୍ (AC 2-Tier) – ୦୩ କୋଚ୍। ଏସି ୩-ଟାୟାର୍ (AC 3-Tier) – ୦୪ କୋଚ୍। ସ୍ଲିପର କ୍ଲାସ (Sleeper Class) – ୦୯ କୋଚ୍। ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ (ଦିବ୍ୟାଙ୍ଗ ଅନୁକୂଳ): ୦୨ କୋଚ୍ । ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନର ସଦ୍ୟତମ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ ପରିଦର୍ଶନ କରିପାରିବେ କିମ୍ବା ଅଫିସିଆଲ୍ ରେଳବାଇ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ